RNI. Regd. No. ORORI/25/A1227
■ 06 October 2026, Tuesday
■ Vol-02 ■ Issue - 88
■ Odia ■ Daily
■ Puri ■ Page- 8
■ Price-Rs.5/-
■ ୦୬ ଅକ୍ଟୋବର ୨୦୨୬, ମଙ୍ଗଳବାର
■ ୦୨ ବର୍ଷ ■ ସଂଖ୍ୟା-୮୮ ■ ଓଡ଼ିଆ
■ ଦୈନିକ (ପ୍ରାତଃ ସଂସ୍କରଣ) ■ ପୁରୀ
■ ପୃଷ୍ଠା- ୮ ■ ମୂଲ୍ୟ-୫/
www.prabahaepaper.com

ସମୟ ସ୍ରୋତରେ ଆମେ

# ପ୍ରବାହ
PRABAHA
A Leading Odia Daily News Paper

prabahatv.com
odia.prabahatv.com
prabaha tv
YouTube prabaha tv

# ପୁନର୍ବିକଶିତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ' ଲୋକାର୍ପିତ

ଭୁବନେଶ୍ୱର,୦୫/ ୧୦(ପ୍ରବାହ ନ୍ୟୁଜ); ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ଆଜି (ସୋମବାର) ଲୋକାର୍ପଣ ହୋଇଛି। ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ର ନୂତନ ଅଫିସିଆଲ୍ ପୋର୍ଟାଲକୁ ମଧ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ




ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି।ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡ଼ିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ, ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିକ୍ଷ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ କଳିଙ୍ଗ ଷ୍ଟୁଡ଼ିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## 'ଅପ୍ଟୋଜେନେଟିକ୍ସ' ପାଇଁ ତିନି ବୈଜ୍ଞାନିକଙ୍କୁ

# ୨୦୨୬ର ଚିକିତ୍ସା ବିଜ୍ଞାନ ନୋବେଲ୍ ପୁରସ୍କାର

ନୂଆଦିଲ୍ଲୀ,୦୫/ ୧୦(ପ୍ରବାହ ନ୍ୟୁଜ); ଷ୍ଟକହୋମ୍ ସ୍ଥିତ କାରୋଲିନ୍ସ୍କା ଇନଷ୍ଟିଚ୍ୟୁଟ୍ ?ର ନୋବେଲ୍ କମିଟି ସୋମବାର ଦିନ ଘୋଷଣା କରିଛି ଯେ, ୨୦୨୬ ମସିହାର ଶରୀରତତ୍ତ୍ୱ କିମ୍ବା ଚିକିତ୍ସା ବିଜ୍ଞାନ (Physiology or Medicine) ପାଇଁ ନୋବେଲ୍ ପୁରସ୍କାର କାର୍ଲ ଡେଇସେରୋଥ୍ (Karl Deisseroth), ପିଟର ହେଗେମ୍ୟାନ୍ (Peter Hegemann) ଏବଂ ଜର୍ଜ ନାଗେଲ୍ (Georg Nagel)ଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କୁ 'ଲାଇଟ୍-ଗେଟେଡ୍ ଆୟନ୍ ଚ୍ୟାନେଲ୍' (light-gated ion channels) ଏବଂ 'ଅପ୍ଟୋଜେନେଟିକ୍ସ' (optogenetics) ସମ୍ବନ୍ଧୀୟ ଆବିଷ୍କାର ପାଇଁ ଏହି ସମ୍ମାନ ମିଳିଛି। 'ଅପ୍ଟୋଜେନେଟିକ୍ସ' ହେଉଛି ଏକ ଏପରି ପଦ୍ଧତି ଯାହା ମସ୍ତିଷ୍କ ଅଧ୍ୟୟନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛି।ମସ୍ତିଷ୍କ କିପରି ସ୍ମୃତି, ଭାବନା ଏବଂ ଆଚରଣ ଗଠନ କରେ, ତାହା ବୁଝିବା ଗବେଷକମାନଙ୍କ ପାଇଁ ଦୀର୍ଘ ଦିନ ଧରି ଏକ ସ୍ୱପ୍ନ ହୋଇ ରହିଆସିଛି। 'ଅପ୍ଟୋଜେନେଟିକ୍ସ' ମାଧ୍ୟମରେ ଏକ ଜୀବନ୍ତ ମସ୍ତିଷ୍କ ମଧ୍ୟରେ ଥିବା ସ୍ୱତନ୍ତ୍ର ସ୍ନାୟୁ କୋଷଗୁଡ଼ିକର କାର୍ଯ୍ୟକଳାପକୁ ଚାଲୁ କିମ୍ବା ବନ୍ଦ କରିବା ସମ୍ଭବ ହୋଇପାରିଛି।ଶରୀରତତ୍ତ୍ୱ କିମ୍ବା ଚିକିତ୍ସା ବିଜ୍ଞାନ ପାଇଁ ନୋବେଲ୍ କମିଟିର ଅଧ୍ୟକ୍ଷ ପର୍ ସ୍ୱେନିଙ୍ଗସନ୍ (Per Svenningsson) କହିଛନ୍ତି, ''ଅପ୍ଟୋଜେନେଟିକ୍ସ' ମସ୍ତିଷ୍କର ମାନଚିତ୍ର ପ୍ରସ୍ତୁତ କରିବା ପାଇଁ ଏପରି ସୁଯୋଗ



ପ୍ରଦାନ କରେ, ଯାହା ବିଷୟରେ ଆମେ ପୂର୍ବରୁ କେବଳ ସ୍ୱପ୍ନ ଦେଖିପାରୁଥିଲୁ।'ଏକ ସରକାରୀ ବିବୃତ୍ତି ଅନୁଯାୟୀ, ହେଗେମ୍ୟାନ୍ ଏବଂ ନାଗେଲ୍ 'ଚ୍ୟାନେଲରୋଡୋପସିନ୍' (channelrhodopsin) ନାମକ ଏକ ପ୍ରୋଟିନ୍ ଆବିଷ୍କାର କରିଥିଲେ, ଯାହାର ସ୍ୱତନ୍ତ୍ର ଗୁଣ ରହିଛି।ସେମାନେ ଦେଖିବାକୁ ପାଇଲେ ଯେ, ଯେକୌଣସି କୋଷରେ ଏହି ପ୍ରୋଟିନ୍ ପ୍ରୟୋଗ କଲେ ମଧ ସେହି କୋଷଗୁଡ଼ିକ ଆଲୋକ ପ୍ରତି ସମ୍ବେଦନଶୀଳ ହୋଇପଡୁଥିଲା।ବିବୃତ୍ତିରେ ଉଲ୍ଲେଖ କରାଯାଇଛି ଯେ, 'ଡେଇସେରୋଥ୍ ମୂଷାର ସ୍ନାୟୁ କୋଷଗୁଡ଼ିକରେ 'ଚ୍ୟାନେଲରୋଡୋପସିନ୍' ପାଇଁ ଜିନ୍ ପ୍ରବେଶ କରାଇଥିଲେ। ନୀଳ ଆଲୋକ ସାହା ଜର୍ମାନ ଜୈବଭୌତିକ ବିଜ୍ଞାନୀ ହେଗେମାନ୍ ଅଣୁଜୀବମାନଙ୍କରେ ଆଲୋକ-ସମ୍ବେଦନଶୀଳ ପ୍ରୋଟିନ୍ ଅଧ୍ୟୟନ କରିଥିଲେ। ଜର୍ମାନ ସ୍ନାୟୁ ବିଜ୍ଞାନୀ ନାଗେଲ୍ ଅଣୁଜୀବ ଅପସିନ୍‌ଗୁଡ଼ିକର ଆବିଷ୍କାର ଏବଂ ଚରିତ୍ରୀକରଣରେ ଅବଦାନ ରଖିଥିଲେ ଏବଂ ଆଲୋକ-ନିୟନ୍ତ୍ରିତ ଆୟନ୍ ଚ୍ୟାନେଲ ଭାବରେ ସେମାନଙ୍କର ସମ୍ଭାବନା ପ୍ରଦର୍ଶନ କରିଥିଲେ।

## ୧୫ ତାରିଖରେ ଛାତ୍ରସଂସଦ ନିର୍ବାଚନ

ଭୁବନେଶ୍ୱର,୦୫/ ୧୦(ପ୍ରବାହ ନ୍ୟୁଜ); ଆଗାମୀ ୧୫ ତାରିଖରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ୧୬ ତାରିଖରେ ନବ



୧୬ରେ ଶପଥ ଗ୍ରହଣ

ନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କର ଶପଥ ଗ୍ରହଣ ହେବ। ଠିକ୍ ସେହିପରି ୭ ତାରିଖରେ କଲେଜମାନଙ୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣେ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବା। ଏନେଇ ଆଜି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଘୋଷଣା କରିଛନ୍ତି। ସେ କହିଛନ୍ତି, କଲେଜ୍ ନିର୍ବାଚନ ହେଲେ ଯୁବ ନେତୃତ୍ୱ ସାମ୍ନାକୁ ଆସିବେ। ଆମେ ସେହି କାମ କରିବୁ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ।ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆହୁରି କହିଛନ୍ତି ଯେ ପୂର୍ବ ସରକାର ୨୦୧୭ରୁ କଲେଜ୍‌ରେ ଛାତ୍ରସଂସଦ ନିର୍ବାଚନ ବନ୍ଦ କରିଥିଲେ, ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଲୋକଙ୍କ ସରକାର ପୁଣି ଥରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଯାଉଛନ୍ତି।

## ଏସ୍‌ଆଇଆର୍ ବିବାଦ

# ସିଇସିଙ୍କୁ ନିଲମ୍ବନ କରାଯାଇ ପାରିବ ନାହିଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୦୫/ ୧୦(ପ୍ରବାହ ନ୍ୟୁଜ); ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ନିଲମ୍ବନ ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଆଜି କୌଣସି ଏକପାଖିଆ ଅନ୍ତରୀଣ ଆଦେଶ ଦେବାକୁ ମନା କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗମ୍ଭୀର ଅଭିଯୋଗ ଉପରେ ପ୍ରଥମେ ନିର୍ବାଚନ ଆୟୋଗ ଏବଂ ଅନ୍ୟ ପ୍ରତିପକ୍ଷଙ୍କ ଜବାବ ଲୋଡ଼ିଛନ୍ତି। ଅଦାଲତ ଏହି ମାମଲାରେ କେନ୍ଦ୍ର ସରକାର, ଭାରତୀୟ ନିର୍ବାଚନ କମିସନ (ଇସିଆଇ), ସିଇସି ଜ୍ଞାନେଶ କୁମାର, ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ, ବିବେକ ଯୋଶୀ, ଉପ-ନିର୍ବାଚନ କମିସନର ମନୀଷ ଗର୍ଗ ଏବଂ ଆଇଟି ମହାପ୍ରବନ୍ଧକ ସୀମା ଖାନ୍ନାଙ୍କୁ ନୋଟିସ୍ ଜାରି କରିଛନ୍ତି।ଆବେଦନକାରୀ ରାକେଶ କୁମାର ସିଂହଙ୍କ ପକ୍ଷରୁ ହାଜର ହୋଇ ବରିଷ୍ଠ ଆଇନଜୀବୀ ବିକାଶ ସିଂହ ଯୁକ୍ତି ବାଢ଼ିଥିଲେ ଯେ, ସିଇସି ଆଇନର ନିଯୁକ୍ତି ପ୍ରକ୍ରିୟା ବୃହତ୍ତର ଖଣ୍ଡପୀଠରେ ବିଚାରାଧୀନ ଥିଲେ ହେଁ, ବର୍ତ୍ତମାନ ପ୍ରତ୍ୟେକ ନାଗରିକ ନିଜର ମତାଧିକାରକୁ ନେଇ ଅସୁରକ୍ଷିତ ମନେ କରୁଥିବାରୁ ତୁରନ୍ତ କିଛି ଅନ୍ତରୀଣ ପଦକ୍ଷେପ



ଆବଶ୍ୟକ। ସେ କେନ୍ଦ୍ରୀୟ ନିର୍ବାଚନ କମିସନର ଅଧିନିୟମର ଧାରା ୧୮ର ଉଲ୍ଲେଖ କରି କହିଥିଲେ ଯେ, ଆୟୋଗଙ୍କ ନିଷ୍ପତ୍ତି ଯଥାସମ୍ଭବ ସର୍ବସମ୍ମତ କିମ୍ବା ବହୁମତ ଆଧାରରେ ହେବା ଉଚିତ। ଏଥିସହ ଧାରା ୧୬ ମାଧ୍ୟମରେ ସିଇସିଙ୍କୁ ମିଳିଥିବା ଆଇନଗତ ସୁରକ୍ଷା ସୁପ୍ରିମ୍‌କୋର୍ଟର ବିଚାରପତିଙ୍କ ପାଖରେ ମଧ୍ୟ ନାହିଁ ବୋଲି ସେ ଦର୍ଶାଇଥିଲେ। ଯେତେବେଳେ ଖଣ୍ଡପୀଠ କହିଥିଲେ ଯେ ସିଇସିଙ୍କୁ ନିଲମ୍ବନ କଲେ ଆୟୋଗର କାର୍ଯ୍ୟ ସ୍ଥଗିତ ହୋଇଯିବ ଏବଂ ନିର୍ବାଚନ କିଏ କରାଇବ, ସେତେବେଳେ ବିକାଶ ସିଂହ କହିଥିଲେ, 'ଏଥିପାଇଁ କୋର୍ଟଙ୍କୁ ତୁରନ୍ତ ଆଦେଶ ଦେବାକୁ ହେବ, ନଚେତ୍ ଦେଶ ଜଳିଯିବ' । ତେବେ ଏହି ଯୁକ୍ତିକୁ ଖଣ୍ଡପୀଠ ଅଗ୍ରାହ୍ୟ କରିବା ସହ କୌଣସି ଅନ୍ତରୀଣ ଆଦେଶ ଦେବାକୁ ମନା କରିଦେଇଥିଲେ।ବିଚାରପତି ବାଗଚି ପ୍ରଶ୍ନ କରିଥିଲେ ଯେ, ଅନ୍ୟ ପକ୍ଷର ଶୁଣାଣି ନକରି କୋର୍ଟ କେମିତି ଏକପାଖିଆ ଭାବେ ନିଷ୍ପତ୍ତି ନେବେ ଯେ ସିଇସିଙ୍କ ସମସ୍ତ ନିଷ୍ପତ୍ତି ମନମୁଖୀ ଥିଲା। ଯଦି ପ୍ରାଥମିକ ରେକର୍ଡରୁ ପ୍ରମାଣିତ ହୁଏ ଯେ ନିଷ୍ପତ୍ତି ସର୍ବସମ୍ମତ ନଥିଲା, ତେବେ କୋର୍ଟ ସେଗୁଡ଼ିକକୁ ବେଆଇନ ବା ସାମ୍ବିଧାନିକ ବ୍ୟବସ୍ଥା ବାହାରେ ବୋଲି ଘୋଷଣା କରି ରଦ୍ଦ କରିପାରିବେ। ସିଜେଆଇ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ କୋର୍ଟ କେବଳ ଖବରକାଗଜ ରିପୋର୍ଟ ଉପରେ ନିର୍ଭର କରି ଆଦେଶ ଦେଇପାରିବେ ନାହିଁ।

## ପୁରୀରେ ପୁଣି ଆରମ୍ଭ ହେଲା କୁକୁର ବନ୍ଧ୍ୟାକରଣ; ମାସକୁ ହେବ ୫୦ଟି ଅପରେସନ୍

ପୁରୀ,୦୫/ ୧୦(ପ୍ରବାହ ନ୍ୟୁଜ); ଦୀର୍ଘ ତିନିବର୍ଷ ପରେ ପୁରୀ ସହରରେ ପୁଣି ଆରମ୍ଭ ହୋଇଛି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପ୍ରକ୍ରିୟା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୀ ମହାନଗର ଅଞ୍ଚଳରେ କୁକୁରଙ୍କ ବନ୍ଧ୍ୟାକରଣ ସହ ଟିକାକରଣ ଆରମ୍ଭ କରାଯାଇଛି। ପୁରୀ ମହାନଗର ନିଗମ ପକ୍ଷରୁ ଏହି କାର୍ଯ୍ୟ ପାଇଁ ଏକ ଠିକା ସଂସ୍ଥା ସହ ଏକ ବର୍ଷର ଚୁକ୍ତି କରାଯାଇଛି। ଚୁକ୍ତି ଅନୁଯାୟୀ ପ୍ରତିମାସରେ ପ୍ରାୟ ୫୦ଟି କୁକୁରଙ୍କ ବନ୍ଧ୍ୟାକରଣ କରାଯିବ। ବର୍ଷକୁ ମୋଟ ୬୦୦ଟି କୁକୁରଙ୍କ ଅପରେସନ୍ କରିବାକୁ ଲକ୍ଷ୍ୟ ରହିଛି।ଗୋଟିଏ କୁକୁରର ଅପରେସନ୍ ଓ ଟିକାକରଣ ପାଇଁ ମହାନଗର ନିଗମ ପକ୍ଷରୁ ସଂସ୍ଥାକୁ ୨,୫୦୦ ଟଙ୍କା ଦିଆଯିବ।

## ଆଧାରରେ ନାମ ସଂଶୋଧନ ପାଇଁ ନୂଆ ନିୟମ

ନୂଆଦିଲ୍ଲୀ,୦୫/ ୧୦(ପ୍ରବାହ ନ୍ୟୁଜ); ଆଧାର କାର୍ଡରେ ନାମ ସଂଶୋଧନ କିମ୍ବା ପରିବର୍ତ୍ତନ ପାଇଁ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ନୂଆ ନିୟମ ଜାରି କରିଛି। ସେପ୍ଟେମ୍ବର ୧୮ରୁ ନୂଆ ନିୟମ ଲାଗୁ ହୋଇଛି। ଏଥିରେ ନାମରେ ସାମାନ୍ୟ ଭୁଲ ସଂଶୋଧନଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ନାମ ପରିବର୍ତ୍ତନ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ବ୍ୟବସ୍ଥା କରାଯାଇଛି। ନୂଆ ନିୟମ ଅନୁସାରେ ନାମରେ ଛୋଟ ଧରଣର ସଂଶୋଧନକୁ 'ଛୋଟ ପରିବର୍ତ୍ତନ' ଭାବେ ଧରାଯିବ।




ଏଥିରେ ମଧ୍ୟ ନାମ ଯୋଡ଼ିବା କିମ୍ବା ହଟାଇବା, ନାମର କ୍ରମ ବଦଳାଇବା, ନାମର ସାମାନ୍ୟ ବନାନ ଭୁଲ ସୁଧାରିବା ଓ ନାମରୁ ଡଟ୍ ହଟାଇବା ଆଦି ରହିଛି। ଏଭଳି ମାମଲାରେ ଆବଶ୍ୟକ ପରିଚୟ ପ୍ରମାଣପତ୍ର ଦେବାକୁ ପଡ଼ିବ। ବିବାହ କିମ୍ବା ଛାଡ଼ପତ୍ର ପରେ ଉପନାମ ପରିବର୍ତ୍ତନ ପାଇଁ ମଧ୍ୟ ଅଲଗା ନିୟମ ରହିଛି। ଏଥିପାଇଁ ନିର୍ଦ୍ଧାରିତ ଆନେକ୍ସର-ଡି ସତ୍ୟପାଠ ସହ ପରିଚୟ ପ୍ରମାଣପତ୍ର ଦେବାକୁ ହେବ। ଲିଙ୍ଗ ପରିବର୍ତ୍ତନ ପରେ ନାମ ବଦଳ ଏବଂ 'ଙ୍କ ସନ୍ତାନ' ଭାବେ ରେକର୍ଡ ହୋଇଥିବା ଶିଶୁଙ୍କ ନାମ ପରିବର୍ତ୍ତନ ପାଇଁ ମଧ୍ୟ ନୂଆ ଏସ୍‌ଓପିରେ ବ୍ୟବସ୍ଥା ରହିଛି। ଆଧାର ପ୍ରସ୍ତୁତ ସମୟରେ ମୂଳ ଦସ୍ତାବିଜରେ ନାମ ଠିକ୍ ଥିଲେ ମଧ୍ୟ ଆଧାରରେ ଭୁଲ ଭାବେ ଲେଖାଯାଇଥିଲ ତାହାକୁ ଡାଟା ଏଣ୍ଟ୍ରି ତ୍ରୁଟି ଭାବେ ଧରାଯିବ। ଏଭଳି କ୍ଷେତ୍ରରେ ବୟସ୍କଙ୍କ ପାଇଁ ଆନେକ୍ସର-ବି ଓ ନାବାଳକଙ୍କ ପାଇଁ ଆନେକ୍ସର-ସି ସତ୍ୟପାଠ ସହ ଆବଶ୍ୟକ ପରିଚୟ କିମ୍ବା ସମ୍ପର୍କ ପ୍ରମାଣପତ୍ର ଦେବାକୁ ହେବ। ଇଂରାଜି ନାମ ଠିକ୍ ଥାଇ ଆଞ୍ଚଳିକ ଭାଷାରେ ଭୁଲ ଥିଲେ ମଧ୍ୟ ଏଥିପାଇଁ ଅଲଗା ପ୍ରକ୍ରିୟା ରହିଛି। ସମ୍ପୂର୍ଣ୍ଣ ନାମ ବଦଳାଇବା କିମ୍ବା ନାମ ବଦଳ ଦ୍ୱାରା ଜଣେ ବ୍ୟକ୍ତିଙ୍କ ପରିଚୟ ହିଁ ବଦଳିଯାଉଥିଲେ ତାହାକୁ 'ପ୍ରମୁଖ ନାମ ପରିବର୍ତ୍ତନ' ଭାବେ ଧରାଯିବ। ଏଭଳି ମାମଲାରେ ଗେଜେଟ୍ ବିଜ୍ଞପ୍ତି ସହ ଆବଶ୍ୟକ ପରିଚୟ ପ୍ରମାଣପତ୍ର ଦେବାକୁ ପଡ଼ିବ।ନାମ ପରିବର୍ତ୍ତନ ପାଇଁ ଆଧାର ସେବା କେନ୍ଦ୍ର କିମ୍ବା ଆଧାର ଏନରୋଲ୍‌ମେଣ୍ଟ/ଅପଡେଟ୍ ସେଣ୍ଟରକୁ ଯିବାକୁ ହେବ।

## ମୂସା ନିପାତର ପ୍ରତିଶୋଧ ନେବାପାଇଁ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନା

ଶ୍ରୀନଗର,୦୫/ ୧୦(ପ୍ରବାହ ନ୍ୟୁଜ); ଜମ୍ମୁ କାଶ୍ମୀରର ବଡ଼ଗାମ ଜିଲ୍ଲାରେ ଏକ ମିଳିତ ଅପରେସନ୍‌ରେ ଶୀର୍ଷ ଏଲ୍‌ଇଟି (ଲସ୍କର ଏ ତଏବା) କମାଣ୍ଡର ହଶିମ ମୁସା ଓରଫ୍ ଅସିଫ୍ ଫୌଜୀ ନିପାତ ହୋଇଥିଲା। ଏଲ୍‌ଇଟି ପାଇଁ ଏହା ଏକ ଶକ୍ତ ଧକ୍କା ଥିଲା। ମୁସା ନିପାତ ହେବା ଜମ୍ମୁ କାଶ୍ମୀରରେ ଏଲ୍‌ଇଟି ଇକୋସିଷ୍ଟମ୍ ପାଇଁ ଏକ ଶକ୍ତ ଧକ୍କା ବୋଲି ଗୃହ ମନ୍ତ୍ରାଳୟ ବର୍ଣ୍ଣନା କରିଥିଲା। ତେବେ ମୁସା ନିପାତ ହେବା ଘଟଣାର ପ୍ରତିଶୋଧ ନେବାପାଇଁ ଏଲ୍‌ଇଟି ଜମ୍ମୁ କାଶ୍ମୀରରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନା କରିପାରେ ବୋଲି ଗୁଇନ୍ଦା ସୂଚନା ମିଳିବାପରେ ଜମ୍ମୁ କାଶ୍ମୀରରେ ହାଇ ଆଲର୍ଟ ଜାରି କରାଯାଇଛି। ପାକିସ୍ତାନ ସମର୍ଥିତ ଏହି ଆତଙ୍କବାଦୀ ଗୋଷ୍ଠୀ ସୁରକ୍ଷା ପ୍ରତିଷ୍ଠାନ, ଧାର୍ମିକ ସ୍ଥଳ, ଭିଭିଆଇପି, ପ୍ରବାସୀ ଶ୍ରମିକ ଏବଂ ମୁଖ୍ୟ ଓ ଗହଳିପୂର୍ଣ୍ଣ ବଜାରକୁ ଟାର୍ଗେଟ୍ କରିପାରେ ବୋଲି ଗୁଇନ୍ଦା ଅଧିକାରୀ କହିଛନ୍ତି।

# ଗୋଟିଏ ଦିନରେ ୨୭ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୦୫/ ୧୦(ପ୍ରବାହ ନ୍ୟୁଜ);ରାଜ୍ୟ ସରକାର ଆଜି (ସୋମବାର) ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଗୋଟିଏ ଦିନରେ ୨୭ଜଣ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ବଦଳି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର ଶୁଭାଶିଷ ମାନସିଂହଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ବିବେକାନନ୍ଦ ସାହୁଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର, ଯାଜପୁର ଡେପୁଟି କଲେକ୍ଟର ବାସୁଦେବ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର (ବନ୍ଦୋବସ୍ତ ଓ ଚକବନ୍ଦୀ), ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ, ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନସ୍ଥ ଅତିରିକ୍ତ ସଂଶୋଧନ ଅଦାଲତ, ଭୁବନେଶ୍ୱରର ଅତିରିକ୍ତ କମିସନର ଆଶୁତୋଷ ସାମଲଙ୍କୁ ଓଡ଼ିଶା ମାନବାଧିକାର ଆୟୋଗ ସଚିବ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ ସଚିବ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧାର ବେହେରାଙ୍କୁ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ, ବଣାଇଗଡ଼ର ପୂର୍ବତନ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗର ଉପସଚିବ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କୁ ପର୍ଯ୍ୟଟନ ବିଭାଗର ଉପସଚିବ, ପାରଳାଖେମୁଣ୍ଡି ପୂର୍ବତନ ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି।.ଦେବଗଡ଼ ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଉପସଚିବ, ରେଢ଼ାଖୋଲ ପୂର୍ବତନ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତଙ୍କୁ



ଦେବଗଡ଼ ଉପଜିଲ୍ଲାପାଳ, ଭବାନୀପାଟଣା ପୂର୍ବତନ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କୁ ପାନେ ?ପାଷର ଉପଜିଲ୍ଲାପାଳ, ବରଗଡ଼ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ କିଶୋର କୁମାର ପଣ୍ଡାଙ୍କୁ ନୟାଗଡ଼ ଉପଜିଲ୍ଲାପାଳ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ଦକ୍ଷତା ବିକାଶ ଓ ବେ ?ଷୟିକ ଶିକ୍ଷା ବିଭାଗର ଉପସଚିବ, ଜୟପୁର ପୂର୍ବତନ ଉପଜିଲ୍ଲାପାଳ ଯଦୁମଣି ନାଏକଙ୍କୁ ବୌଦ୍ଧ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ, ତାଳଚେର ପୂର୍ବତନ ଉପଜିଲ୍ଲାପାଳ ଆଶିଷ ରଂଜନ ସାହୁଙ୍କୁ ଅନୁଗୋଳର ଉପଜିଲ୍ଲାପାଳ, କୋରାପୁଟ ପୂର୍ବତନ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କୁ ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିସନର ଉପସଚିବ, କପ୍ତିପଦା ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରାଙ୍କୁ ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଭାବେ ବଦଳି ହୋଇଛି।ଫକିରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ରେଜିଷ୍ଟ୍ରାର ମନୋରମା ଭୂୟାଁଙ୍କୁ କଟକସ୍ଥିତ ଜମି ରେକର୍ଡସ ଏବଂ ସେଟେଲମେଣ୍ଟ କମିସନରଙ୍କ କାର୍ଯ୍ୟାଳୟର ଅତିରିକ୍ତ କମିସନର, ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ବିଏମ୍‌ସିର ଅତିରିକ୍ତ କମିସନର, ବିଏମ୍‌ସିର ଅତିରିକ୍ତ କମିସନର କୈଳାଶ ଚନ୍ଦ୍ର ଦାସଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ, କାଶୀନଗର ବିଡିଓ ଡମ୍ବୁରୁଧର ମଲ୍ଲିକଙ୍କୁ ବଲାଙ୍ଗୀରର ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ଓବିସିସିର ସାଧାରଣ ପ୍ରବନ୍ଧକ, ପୁରୀ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରାଙ୍କୁ ଉଦଳା ଉପଜିଲ୍ଲାପାଳ, କେନ୍ଦୁଝର ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡି.ଏସ୍ ଶୁଭଦର୍ଶୀ ଯୋଶୀଙ୍କୁ ଚମ୍ପୁଆ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପୃଥକ ପୃଥକ ୪ଟି ବିଜ୍ଞପ୍ତି ପ୍ରକାଶ ପାଇଛି।



# ମା’ ବିମଳାଙ୍କ ଷୋଡ଼ଶଦିନାତ୍ମକ ପୂଜା ଆରମ୍ଭ

ଆଜି ଠାରୁ ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ମାଆ ବିମଳାଙ୍କ ପାଖରେ ଆରମ୍ଭ ହେବ ଷୋଡ଼ଶଦିନାତ୍ମକ ପୂଜା । ଆଜି ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ମା’ ବିମଳାଙ୍କ ପୀଠରେ ସହସ୍ରକୁମ୍ଭାଭିଷେକ ଏବଂ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହେବ । ମୂଳାଷ୍ଟମୀ ଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଷୋଳ ଦିନ ଠାକୁରାଣୀଙ୍କ ବିଶେଷ ପୂଜା ହେବ ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ ଏହି ୧୬ ଦିନ ସ୍ତ୍ରୀ ଲୋକଙ୍କ ପାଇଁ ବିମଳା ମନ୍ଦିର ପ୍ରବେଶ ନିଷେଧ ଥାଏ । ଏହି ଅବସରରେ ଶ୍ରୀନଅରରେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଇ ରାଜଗୁରୁ ପୁରୋହିତଙ୍କୁ ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ଗୁଆ ଏବଂ ନଡ଼ିଆ ପ୍ରଦାନ କରାଯିବ ।

ଏହାପରେ ଏହି ଗୁଆ ଏବଂ ନଡ଼ିଆ ଦେଇ ରାଜଗୁରୁ ପୁରୋହିତ ଗଜପତି ମହାରାଜଙ୍କ ପ୍ରତିନିଧି ଭାବେ ବ୍ରାହ୍ମଣମାନଙ୍କୁ ବରଣ କରିବେ । ବିମଳାଙ୍କ ପୀଠ ପାଇଁ ଜଣେ ପୂଜକ, ଜଣେ ପରିଚ୍ଛା, ଚଣ୍ଡୀପାଠ, ସହସ୍ରନାମ ପାଠକ ଏବଂ ମନ୍ତ୍ରଯାପକଙ୍କୁ ବରଣ କରିବେ ରାଜଗୁରୁ ପୁରୋହିତ । ଏଥି ସହିତ ଶ୍ରୀମନ୍ଦିର ବେଢା ପରିସରରେ ମା‘ ଭୁବନେଶ୍ୱରୀ, ମା’ ବାଟମଙ୍ଗଳା ଏବଂ ମା’ ଉତ୍ତରାୟଣୀଙ୍କ ପୀଠ ନିମନ୍ତେ ମଧ୍ୟ ପୂଜକ ଏବଂ ଚଣ୍ଡୀପାଠକ ବରଣ କରାଯିବେ । ଶ୍ରୀକ୍ଷେତ୍ର ମଧ୍ୟରେ ଆଲମଚଣ୍ଡୀ, କପିଳେଶ୍ୱର ଶାସନର ପଞ୍ଚମୁଖୀ ଠାକୁରାଣୀ, ଦକ୍ଷିଣକାଳୀ ଭଳି ଅନେକ ଶକ୍ତିପୀଠ ରହିଛି । ସେପଟେ ଶାରଦୀୟ ପୂଜାର୍ଚ୍ଚନା ଶୁଭାରମ୍ଭ ହେବାପରେ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀର ସ୍ୱତନ୍ତ୍ର ପୂଜା ହେବ । ଦଶହରାରେ ଆୟୁଧ ପୂଜା ଅନୁଷ୍ଠିତ ହେବ ।

# ଗଧ ହେଲା ଜେବ୍ରା

ସୋସିଆଲ ମିଡିଆରେ ଅନେକ ସମୟରେ କିଛି ଏଭଳି ଭିଡିଓ ଭାଇରାଲ ହୁଏ ଯାହା କେବେ ହସାଏ ତ କେବେ କନ୍ଦାଏ। ଏବେ ସୋସିଆଲ ମିଡିଆରେ ଚୀନର ଏକ ଚିଡ଼ିଆଖାନାର ଭିଡିଓ ଭାଇରାଲ ହେଉଛି। ଏହାକୁ ଦେଖିବା ପରେ ଆପଣ ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟ ହେବେ ଏବଂ ଜୋରରେ ହସିବେ। ଚୀନର ଶାଣ୍ଡୋଙ୍ଗ ପ୍ରଦେଶର ଜିବୋ ସିଟି ଆମ୍ୟୁଜମେଣ୍ଟ ପାର୍କରେ ଏକ ଅଜବ ଘଟଣା ଘଟିଥିବା ସାମ୍ନାକୁ ଆସିଛି। ଚିଡ଼ିଆଖାନା କର୍ତ୍ତୃପକ୍ଷ ଏକ ଗଧକୁ ଜେବ୍ରା ଭଳି ଦେଖାଇବା ପାଇଁ କଳା ଏବଂ ଧଳା ରଙ୍ଗରେ ରଙ୍ଗ କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଏହି କାର୍ଯ୍ୟର ଉଦ୍ଦେଶ୍ୟ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଥିଲା। କିନ୍ତୁ ଏହାକୁ ସୋସିଆଲ ମିଡିଆରେ କଡ଼ା ସମାଲୋଚନା କରାଯାଉଛି। ଚୀନର ଚିଡ଼ିଆଖାନା ସ୍ୱୀକାର କରିଛି ଯେ ସେମାନଙ୍କ ପାଖରେ ଜେବ୍ରା ନାହିଁ, ତେଣୁ ସେମାନେ ଏକ ଗଧକୁ ରଙ୍ଗ କରି ତାକୁ ଜେବ୍ରା ପରି ଦେଖାଇବା ପାଇଁ ସମସ୍ତ ପ୍ରକାରର ଚେଷ୍ଟା କରିଥିଲେ। ଏବେ କିଛି ଲୋକ ଏଭଳି କାମକୁ ପ୍ରଶଂସା କରୁଥିବା ବେଳେ କିଛି ବିରୋଧ କରିଛନ୍ତି। ଏହି ପ୍ରସଙ୍ଗ ଉପରେ ଚିଡ଼ିଆଖାନା ପକ୍ଷରୁ କୁହାଯାଇଛି ଯେ, ଏହା ସେମାନଙ୍କର ମାର୍କେଟିଂ ରଣନୀତି। କିଛି ସୋସିଆଲ ମିଡିଆ ବ୍ୟବହାରକାରୀ ଗଧର ଫଟୋ ସେୟାର କରିବା ପରେ ବିବାଦ ଆରମ୍ଭ ହୋଇଥିଲା, ଯେଉଁଥିରେ ଗଧର ଶରୀରରେ ଜେବ୍ରା ପରି ପଟି ଦେଖିବାକୁ ମିଳିଥିଲା। ଫଟୋ ଏବଂ ଭିଡିଓଗୁଡ଼ିକ ଭାଇରାଲ ହେବା ପରେ, ଚିଡ଼ିଆଖାନା ସ୍ୱୀକାର କରିଛି ଯେ ସେମାନେ ପ୍ରକୃତରେ ଗଧମାନଙ୍କୁ ରଙ୍ଗ କରିଥିଲେ। ସେମାନେ ଏହା ମଧ୍ୟ ଦାବି କରିଥିଲେ ଯେ ବ୍ୟବହୃତ ରଙ୍ଗ ବିଷାକ୍ତ ନୁହେଁ।



# ରାମ୍ପ ୱାକ୍ କଲେ ମହିଳା ନକ୍ସଲ

ଦିନେ ଛତିଶଗଡ଼ର ବସ୍ତର ଜଙ୍ଗଲରେ ଏମାନେ ରାଜ୍ କରୁଥିଲେ । ହାତରେ ଥିଲା ବନ୍ଧୁକ । ଏବେ ବଲିଉଡ୍ ଅଫର୍ । ଖୁବ୍‌ଶୀଘ୍ର ବଡ଼ ପରଦାକୁ ଆସିବେ ୯ ମହିଳା ନକ୍ସଲ। ଏଣିକି ଜଙ୍ଗଲରେ ନୁହେଁ, ରିଲ୍ ଲାଇଫ୍ରେ ଦେଖାଇବେ ପରାକାଷ୍ଠା । ରାଜ୍ୟରେ ଆତ୍ମସମର୍ପଣ କରି ମୁଖ୍ୟଧାରାରେ ସାମିଲ ହୋଇଥିବା ୯ ଜଣ ପୂର୍ବତନ ମହିଳା ନକ୍ସଲଙ୍କୁ ଛତିଶଗଡ଼ର ନକ୍ସଲ ହିଂସା ଉପରେ ପର୍ଯ୍ୟବସିତ ଏକ ହିନ୍ଦୀ ଫିଲ୍ମରେ ଅଭିନୟର ସୁଯୋଗ ମିଳିଛି । ନିକଟରେ ଏମାନେ ରାୟପୁରର ଏକ ସରକାରୀ କାର୍ଯ୍ୟକ୍ରମରେ ରାମ୍ପ ୱାକ୍ କରି ଦେଶରେ ଖବରର ଶିରୋନାମା ହୋଇଥିଲେ । ଫିଲ୍ମରେ ଅଭିନୟ ପୂର୍ବରୁ ଏମାନଙ୍କୁ ବିଧିବଦ୍ଧ ତାଲିମ ଦିଆଯିବ । ରିପୋର୍ଟ ଅନୁସାରେ, ଏହି ଫିଲ୍ମ ୧୯୯୪ରେ ଅବିଭକ୍ତ ମଧ୍ୟପ୍ରଦେଶର ବସ୍ତରରେ ଘଟିଥିବା ଏକ ବାସ୍ତବ ଓ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାକୁ ପରଦାକୁ ଆଣିବ। ନିର୍ମାତା କାହାଣୀକୁ ସମ୍ପୂର୍ଣ୍ଣ ବାସ୍ତବ ଓ ଜୀବନ୍ତ କରି ପରଦାକୁ ଆଣିବାକୁ ଚାହାନ୍ତି । ସେଥିପାଇଁ ଫିଲ୍ମରେ ବାସ୍ତବ ଜୀବନରେ ନକ୍ସଲବାଦର ଶିକାର ହୋଇଥିବା ଏବଂ ଏବେ ମୁଖ୍ୟଧାରାକୁ ଫେରିଥିବା ୯ ମହିଳାଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି । ଆଗାମୀ ନଭେମ୍ବର-ଡିସେମ୍ବରରେ ଫିଲ୍ମର ସୁଟିଂ ଆରମ୍ଭ ହେବ । ବସ୍ତରର ଘନ ଜଙ୍ଗଲ ଓ ଦକ୍ଷିଣ ବସ୍ତର ଅଞ୍ଚଳରେ ଅଧିକାଂଶ ସୁଟିଂ ହେବ । ସୁକମା ଜିଲ୍ଲାର ପୁନର୍ବାସ କେନ୍ଦ୍ରରେ ନୂଆ ଜୀବନର ଆରମ୍ଭ କରିଥିବା ସୁଶୀଳା, ଆନ୍ଦେ ଭୀମେ, କୁଂଜାମ ହିଡମେ, ମାଇକମ ମହିମା, ନନ୍ଦିନୀ, ଡୋଡି ରାମେ, ଜୋଗୀ ଭେଟ୍ଟୀ ଓ ପୋଡିୟମ୍ ରାଜେ ଯେତେବେଳେ ରାୟପୁରର ଏକ ମଞ୍ଚରେ ଆତ୍ମବିଶ୍ୱାସର ସହ ରାମ୍ପ ୱାକ୍ କଲେ, ସେମାନଙ୍କ ଭିଡିଓ ସୋସିଆଲ ମିଡିଆରେ ଚହଳ ପକାଇଲା ।

ସେମାନଙ୍କ ଆତ୍ମବିଶ୍ୱାସ ଫିଲ୍ମ ନିର୍ମାତା ଆକାଶ ଆଦିତ୍ୟ ଲାମାଙ୍କ ଧ୍ୟାନ ଆକର୍ଷଣ କଲା । ‘ବେଙ୍ଗଲ ୧୯୪୭’ର ନିର୍ଦ୍ଦେଶକ ଆକାଶ ନିଜେ ଛତିଶଗଡ଼ର ନକ୍ସଲ ପ୍ରଭାବିତ ଅଞ୍ଚଳରେ କାମ କରିଛନ୍ତି। ମୁଖ୍ୟସ୍ରୋତକୁ ଆସିଥିବା ଏହି ମହିଳାଙ୍କୁ ନେଇ ଫିଲ୍ମ ନିର୍ମାଣ କରିବାକୁ ସେ ମନ ବଳାଇଲେ । ଏବେ ଫିଲ୍ମରେ କାମ ଦେବା ପୂର୍ବରୁ ଏମାନଙ୍କର ଔପଚାରିକ ଅଡିସନ୍ ହେବ ।

ମନୋନୀତ ମହିଳାଙ୍କ ପାଇଁ ମୁମ୍ବାଇ ଧାରାରେ ଅତିକମ୍ରେ ୧୫ ଦିନର ଏକ ସ୍ୱତନ୍ତ୍ର ଅଭିନୟ କର୍ମଶାଳା ଆୟୋଜିତ ହେବ । ଏଥିରେ ସେମାନଙ୍କୁ କ୍ୟାମେରା ସମ୍ମୁଖରେ ଅଭିନୟ କରିବାର କଳା ଶିଖାଯିବ । ଏହି ବଡ଼ ପରିବର୍ତ୍ତନକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ଖୁସି ବ୍ୟକ୍ତ କରିଛନ୍ତି । ବସ୍ତର କ୍ଷେତ୍ରରେ ଲୋକଙ୍କ ପ୍ରତିଭାର ଅଭାବ ନାହିଁ । କେବଳ ମଞ୍ଚ ଓ ଉଚିତ୍ ସୁଯୋଗର ଆବଶ୍ୟକ ଥିଲା ବୋଲି କହିଛନ୍ତି ।



# ମିଠା ହେବ ସମୁଦ୍ର ପାଣି



ମିଠା ହୋଇଯିବ ସମୁଦ୍ରର ଲୁଣି ପାଣି। ଆଉ ଏହାକୁ ପାଇପ ଯୋଗେ ଘରକୁ ସପ୍ଲାଏ କରାଯିବ । ଯାହାକୁ ପାନୀୟ ଜଳ ଭାବେ ବ୍ୟବହାର କରିବେ ସାଧାରଣ ଲୋକେ । ଏହା ଶୁଣି ଆପଣ ଆଶ୍ଚର୍ଯ୍ୟ ହୋଇଗଲେ କି ? ଆପଣ ଭାବୁଥିବେ ସମୁଦ୍ର ଲୁଣିଆ ପାଣିକୁ କିପରି ପିଇବା ଉପଯୋଗୀ କରାଯିବ ? କିନ୍ତୁ ଏକଥା ପୂରା ସତ ଆଉ ଏହାର ଶୁଭାରମ୍ଭ ହେବାକୁ ଯାଉଛି ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ । ଇଣ୍ଡିଆନ୍ ରେଅର୍ ଆର୍ଥସ୍ ଲିମିଟେଡ୍ ବା ଓଜରଖ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏହି ପଦକ୍ଷେପ ନେଇଛନ୍ତି । ଆଉ ଏନେଇ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିବା କଥା କହିଛନ୍ତି ଗଞ୍ଜାମ ଜିଲ୍ଲାପାଳ । ଯାହା ଫଳରେ ଗଂଜାମରେ ଦେଖାଯାଉଥିବା ଜଳକଷ୍ଟ କିଛି ମାତ୍ରାରେ ଦୂର ହୋଇପାରିବ । ସମୁଦ୍ର ପାଣିକୁ ମଧୁର ଜଳରେ ପରିଣତ କରି ଦୈ ?ନିକ ୧.୫ ଏମଏଲଡି ପାଣି ଆର୍ଯ୍ୟପଲି ଏବଂ ମାଟିଖାଲକୁ ଛଡାଯିବ । ଯାହାଦ୍ୱାରା ପ୍ରାୟ ୨୦୦୦ ପରିବାରର ଜଳକଷ୍ଟ ଦୂର ହୋଇପାରିବ । ଭାରତର କେବଳ ଚେନ୍ନାଇରେ ଏବଂ ବିଭିନ୍ନ ଆରବ ଦେଶରେ ଏହାଦ୍ୱାରା ଲୋକଙ୍କ ଜଳକଷ୍ଟ ଦୂର କରାଯାଉଥିବା ବେଳେ ରାଜ୍ୟରେ ଏହା ପ୍ରଥମ ବୋଲି କୁହାଯାଇଛି ।

ପ୍ରଥମ କରି ଏହି ପ୍ରକଳ୍ପ ଦ୍ୱାରା ପରୀକ୍ଷଣ ଭାବେ ଦୁଇ ଗ୍ରାମକୁ ପାଣି ଯୋଗାଯିବା ସହ ଆଗାମୀ ଦିନରେ ଆହୁରି ଅଧିକ ଗ୍ରାମକୁ ପାଣି ଯୋଗାଯିବ । ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟରର ଟେକନିକ୍ ? ଦ୍ୱାରା ସମୁଦ୍ର ପାଣିରୁ ଲବଣ ଅଂଶ ବାହାର କରାଯିବ । ଯେଉଁଥିପାଇଁ ଖର୍ଚ୍ଚ ହେବ ୪ .୨ କୋଟି ଟଙ୍କା । ଏହି ପ୍ରକଳ୍ପକୁ ଭାରତର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିଥିବା କଥା କହିଛନ୍ତି ଓଜରଖ ମ୍ୟାନେଜର । ତେବେ ଓଜରଖର ଏହି ପାଣିକୁ ପ୍ରାୟ ୪ କିଲୋମିଟର ଦୂର ପର୍ଯ୍ୟନ୍ତ ପାଇପ୍ ? ବିଛାଯାଇ ଲୋକଙ୍କୁ ବଂଟନ କରିବାର ଦାୟିତ୍ୱ ନେଇଛି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ । ବଡ଼ ଟ୍ୟାଙ୍କ କରାଯାଇ ପାଣିକୁ ସୁରକ୍ଷିତ ରଖାଯାଇପାରିବ ବୋଲି ଜଡଝଝ ପକ୍ଷରୁ କୁହାଯାଇଛି । ତେବେ ପ୍ରଶାସନର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ବି ବେଶ ସ୍ୱାଗତ କରିଛନ୍ତି । ଯଦି ଏହା ସଫଳ ହୁଏ ତେବେ ଅଂଚଳବାସୀଙ୍କ ଜଳକଷ୍ଟ ଦୂର ହେବ ବୋଲି କହିଛନ୍ତି ।

# ପ୍ରାକୃତିକ ଉପାୟରେ ମାଆ ହେବାକୁ ଇଚ୍ଛା, ନହେଲେ ଏଗ୍ ଫ୍ରିଜିଂ



ଟେଲିଭିଜନ୍ ଦୁନିଆର ଲୋକପ୍ରିୟ ଅଭିନେତ୍ରୀ କ୍ରିଷ୍ଟାଲ୍ ଡି‘ସୁଜା ପୁଣି ଚର୍ଚ୍ଚାରେ। ନିଜ ଅଭିନୟ ଓ ଗ୍ଲାମରସ୍ ଅନ୍ଦାଜ ପାଇଁ ସେ ଦର୍ଶକଙ୍କ ମଧ୍ୟରେ ଖୁବ୍ ପରିଚିତ। ଏବେ କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଆସିଛି ଏକ ବଡ଼ ଅପଡେଟ୍। ୩୬ ବର୍ଷ ବୟସରେ ମଧ୍ୟ ବିବାହ କରିନଥିବା କ୍ରିଷ୍ଟାଲ୍ ଭବିଷ୍ୟତରେ ମା’ ହେବାକୁ ନେଇ ନିଜ ମନର କଥା ଖୋଲି କହିଛନ୍ତି। ଟେଲିଭିଜନ୍ ଦୁନିଆର ଲୋକପ୍ରିୟ ଅଭିନେତ୍ରୀ କ୍ରିଷ୍ଟାଲ୍ ଡି‘ସୁଜା ପୁଣି ଚର୍ଚ୍ଚାରେ। ନିଜ ଅଭିନୟ ଓ ଗ୍ଲାମରସ୍ ଅନ୍ଦାଜ ପାଇଁ ସେ ଦର୍ଶକଙ୍କ ମଧ୍ୟରେ ଖୁବ୍ ପରିଚିତ। ଏବେ କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଆସିଛି ଏକ ବଡ଼ ଅପଡେଟ୍। ୩୬ ବର୍ଷ ବୟସରେ ମଧ୍ୟ ବିବାହ କରିନଥିବା କ୍ରିଷ୍ଟାଲ୍ ଭବିଷ୍ୟତରେ ମା’ ହେବାକୁ ନେଇ ନିଜ ମନର କଥା ଖୋଲି କହିଛନ୍ତି। ଅଭିନେତ୍ରୀ କହିଛନ୍ତି, ସେ ଦିନେ ନିଜର ସନ୍ତାନ ଚାହୁଁଛନ୍ତି। ଏଥିପାଇଁ ଏଗ୍ ଫ୍ରିଜିଂ ଏକ ବିକଳ୍ପ ଭାବେ ସେ ବିଚାର କରୁଛନ୍ତି। ଏହି ମତ ରଖିବା ପରେ କ୍ରିଷ୍ଟାଲ୍ ଡି’ସୁଜାଙ୍କ ନାମ ପୁଣିଥରେ ଚର୍ଚ୍ଚାରେ ଆସିଛି। ଆଲୋଚନା ସମୟରେ କ୍ରିଷ୍ଟାଲ୍ ଏଗ୍ ଫ୍ରିଜିଂକୁ ନେଇ ନିଜ ମତ ରଖିଥିଲେ। ସେ କହିଥିଲେ ଯେ, ଯେଉଁମାନେ ଭବିଷ୍ୟତରେ ନିଜର ସନ୍ତାନ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏଗ୍ ଫ୍ରିଜିଂ ଏକ ବିକଳ୍ପ ହୋଇପାରେ। ବିଶେଷକରି ମାତୃତ୍ୱକୁ କିଛି ସମୟ ପାଇଁ ବିଳମ୍ବ କରିବାକୁ ଚାହୁଁଥିବା ମହିଳାମାନେ ଏହି ବିକଳ୍ପ ବିଷୟରେ ବିଚାର କରିପାରନ୍ତି ବୋଲି ସେ ମତ ଦେଇଛନ୍ତି। ନିଜ ବିଷୟରେ କହିବା ବେଳେ କ୍ରିଷ୍ଟାଲ୍ ସ୍ପଷ୍ଟ କରିଛନ୍ତି ଯେ, ସେ ମଧ୍ୟ ନିଜ ଅଣ୍ଡାଣୁ ଫ୍ରିଜ୍ କରିବାକୁ ଚାହୁଁଛନ୍ତି। ଭବିଷ୍ୟତରେ ପରିସ୍ଥିତି ଅନୁକୂଳ ନହେଲେ ଏହା ତାଙ୍କ ପାଇଁ ଏକ ବିକଳ୍ପ ହୋଇପାରିବ ବୋଲି ସେ କହିଛନ୍ତି। କ୍ରିଷ୍ଟାଲ୍ କେବଳ ଏଗ୍ ଫ୍ରିଜିଂ ନୁହେଁ, ପୋଷ୍ୟ ସନ୍ତାନ ଗ୍ରହଣକୁ ମଧ୍ୟ ଏକ ବିକଳ୍ପ ଭାବେ ଦେଖିଛନ୍ତି। ଯେଉଁମାନେ ନିଜର ସନ୍ତାନ ଚାହୁଁନାହାନ୍ତି କିମ୍ବା ଜୈବିକ ଭାବେ ସନ୍ତାନ ଲାଭ ସମ୍ଭବ ହେଉନାହିଁ, ସେମାନେ ପୋଷ୍ୟ ସନ୍ତାନ ଗ୍ରହଣ କରି ଏକ ଶିଶୁକୁ ପରିବାର ଓ ସୁରକ୍ଷିତ ଜୀବନ ଦେଇପାରିବେ ବୋଲି ଅଭିନେତ୍ରୀ କହିଛନ୍ତି। କ୍ରିଷ୍ଟାଲଙ୍କ କହିବା ଅନୁସାରେ, ସେ ଭବିଷ୍ୟତରେ ନିଜର ସନ୍ତାନ ପାଇବାକୁ ଚାହୁଁଛନ୍ତି ଏବଂ ପ୍ରାକୃତିକ ଭାବରେ ମା’ ହେବା ତାଙ୍କର ଆଶା। କିନ୍ତୁ ଯଦି କୌଣସି କାରଣରୁ ତାହା ସମ୍ଭବ ନହୁଏ, ତେବେ ଏଗ୍ ଫ୍ରିଜିଂ ତାଙ୍କ ପାଇଁ ଏକ ବିକଳ୍ପ ହୋଇପାରିବ। ଏପଟେ କ୍ରିଷ୍ଟାଲଙ୍କ ପର୍ସନାଲ୍ ଲାଇଫ୍ ମଧ୍ୟ ପ୍ରାୟ ସମୟରେ ଚର୍ଚ୍ଚାରେ ରହିଥାଏ। ମିଡିଆ ରିପୋର୍ଟ ଓ ଗୁଜବ ଅନୁସାରେ, ଦୁବାଇର ବ୍ୟବସାୟୀ ତଥା ‘ଦେଶୀ ବ୍ଲିଂ’ ଫେମ୍ ଏପିଙ୍କ ସହ ତାଙ୍କ ନାମ ଯୋଡ଼ାଯାଇଛି। ଉଭୟଙ୍କର କିଛି ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ଦାବି ମଧ୍ୟ କରାଯାଉଛି। ତେବେ କ୍ରିଷ୍ଟାଲ୍ କିମ୍ବା ଏପି ଏପର୍ଯ୍ୟନ୍ତ ନିଜ ସମ୍ପର୍କକୁ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। ତେଣୁ ଏହି ସମ୍ପର୍କକୁ ନେଇ ଚାଲିଥିବା ଚର୍ଚ୍ଚାକୁ ଏବେ ମଧ୍ୟ ଗୁଜବ ଭାବେ ହିଁ ଦେଖାଯାଉଛି। ଅଭିନୟରୁ ଆରମ୍ଭ କରି ନିଜ ଭବିଷ୍ୟତର ମାତୃତ୍ୱ ଯୋଜନା ପର୍ଯ୍ୟନ୍ତ କ୍ରିଷ୍ଟାଲଙ୍କ ଏହି ଖୋଲା ମତ ଏବେ




# ‘ମାତୃଭୂମି’କୁ ଗ୍ରୀନ ସିଗନାଲ୍

ଦୀର୍ଘଦିନର ପ୍ରତୀକ୍ଷା ପରେ ଭାଇଜାନ ଏବଂ ତାଙ୍କ ଫ୍ୟାନ୍ ଖୁସ୍ । ସଲମାନଙ୍କ ଅପକମିଂ ଫିଲ୍ମ ମାତୃଭୂମିକୁ ମିଳିଛି ସରକାରଙ୍କ ଗ୍ରୀନ ସିଗନାଲ୍ । ଖୁବସୀଘ୍ର ରିଲିଜ୍ ହେବ ଫିଲ୍ମ ମାତୃଭୂମି- ମେ ୱାର୍ ରେଷ୍ଟ ଇନ୍ ପିସ୍ । ଦୀପାବଳି ପରେ ଫିଲ୍ମଟି ରିଲିଜ୍ ହେବ ବୋଲି ସୂଚନା ମିଳିଛି । ମାତୃଭୂମି ନାମକରଣ ପୂର୍ବରୁ ଏହାର ଟ୍ୟାଗ୍ ଲାଇନ୍ ବ୍ୟାଟଲ୍ ଅଫ୍ ଗଲୱାନ୍ ବୋଲି ଘୋଷଣା କରାଯାଇଥିଲା । ୨୦୨୦ର ଭାରତ-ଚୀନ ସଂଘର୍ଷ ର୍ ଉପରେ ଫିଲ୍ମର କାହାଣୀ ଆଧାରିତ ଥିବାବେଳେ ଏହାର ମେକିଂରେ ବିଳମ୍ବ ଦେଖିବାକୁ ମିଳିଥିଲା । କାରଣ ଏହାର ବିଷୟ ଓ ଚୀନ ସମ୍ବନ୍ଧୀୟ ଉଲ୍ଲେଖ ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ଚିନ୍ତା ପ୍ରକଟ କରିଥିଲା । ପରେ ଚଳଚିତ୍ର ନିର୍ମାତା ଫିଲ୍ମରଷ୍ଟୋରୀ ଲାଇନ ଓ ଏବେକାର ଭାରତ ଚୀନ ମଧ୍ୟରେ ସମ୍ପର୍କକୁ ସକରାତ୍ମକ ଦୃଷ୍ଟିକୋଣରୁ ଆଲୋଚନା କରିଥିବାରୁ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଫିଲ୍ମର ନୂତନ ସଂସ୍କରଣରେ ସନ୍ତୁଷ୍ଟ ଅଛନ୍ତି । ଏହି ଯୁଦ୍ଧ ଭିତିକ ଫିଲ୍ମ ପାଇଁ ଏନଓସି ପ୍ରଦାନ କରିଛନ୍ତି । ତେଣୁ ଏବେ ଫିଲ୍ମ ରିଲିଜ୍ ତାରିଖ ଉପରେ ଫୋକସ୍ କରୁଛନ୍ତି ସଲମାନ । ଆଗାମୀ ନଭେମ୍ବର ୧୩ଉପରେ ନଜର ରଖିଛନ୍ତି ସଲମାନ । ଦୀପାବଳି ପରେ ପରେ ଲୋକେ ଉତ୍ସାହରେ ଫିଲ୍ମକୁ ଉପଭୋଗ କରିବେ ବୋଲି ନଭେମ୍ବର ୧୩ରେ ଫିଲ୍ମ ରିଲିଜ୍ ପାଇଁ ଚିନ୍ତା କରାଯାଉଛି । ସିବିଏଫସିରୁ ଗ୍ରୀନ ସିଗନାଲ ମିଳିଲା ପରେ ଫିଲ୍ମର ଅଫିସିଆଲ ରିଲିଜ୍ ଡେଟ୍ ଆନାଉନ୍ସ କରିବେ ସଲମାନ । ପୂର୍ବରୁ ପ୍ରଥମେ ଏପ୍ରିଲ ପରେ ଅଗଷ୍ଟରେ ରିଲିଜ୍ ପାଇଁ ପ୍ଲାନ୍ ହୋଇଥିଲା । ଦେଖାଯାଉ ଆସନ୍ତା ଦୀପାବଳି ପରେ ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁପାରୁଛି ନା ନାହିଁ ।



# ରାଜ୍ୟ ଖବର



## ଘର ଭିତରୁ ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

କଲମପୁର ୫/୧୦(ପ୍ରବାହ ନ୍ୟୁଜ ) ହତ୍ୟା ଅଭିଯୋଗ କଲେ ମୃତ ମହିଳାଙ୍କ ମାଆ, ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର। ସକାଳୁ ସକାଳୁ କଳାହାଣ୍ଡି ଜିଲ୍ଲା କଲମପୁର ଲଙ୍କେଶ୍ୱରୀ ମନ୍ଦିର ସମ୍ମୁଖରେ ଥିବା ଏକ ଘର ଭିତରେ ଜଣେ ପ୍ରାୟ ୨୩ ବର୍ଷିୟ ବିବାହିତା ମହିଳାଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ଥିବା ପ୍ରଚାର ହୋଇଥିଲା। ଉକ୍ତ ମହିଳା ଜଣକ କଲମପୁର ତଲପଡାର ପ୍ରତୀକ ନିମୁଳିଆ ଙ୍କ ପତ୍ନୀ ଦୀପାଞ୍ଜଳୀ ନିମୁଳିଆ ବୋଲି ସୂଚନା ମିଳିଥିଲା । ଏନେଇ ଜୁନାଗଡ ଥାନା ତୁଲସୀପାଲି ବରଗାଁ ଠାରେ ଥିବା ମୃତ ମହିଳାଙ୍କ ପରିବାର ସୂଚନା ପାଇଥିଲେ ଓ ତୁରନ୍ତ ପରିବାର ଲୋକ ଘଟଣାସ୍ଥଳରେ ପହଂଚି କଲମପୁର ଥାନାରେ ନିଜ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ମୃତ ମହିଳାଙ୍କ ମାଆ ପଙ୍କଜିନୀ ପୁଝାରୀ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ କୁ ଭିତି କରି କଲମପୁର ପୁଲିସ ଥାନା କେସନଂ ୧୫୫/୨୬ରେ ମାମଲା ରୁଜୁ କରି ଥାନା ଅଧିକାରୀ ସୁନିଲୋ କୋଣ୍ଡାଗୋରୀ ଘଟଣାର ପ୍ରାଥମିକ ତଦନ୍ତ କରିଥିଲେ । ଏହାପରେ ଘଟଣାର ଅଧିକ ତଦନ୍ତ ପାଇଁ ଜିଲ୍ଲା ସାଇନଟିଫିକ ଟିମ୍ ର ସହାୟତା ନେଇଥିଲେ । ସାଇନଟିଫିକ୍ ଟିମ୍ ଅଧିକାରୀ ପୁଷ୍ପାଞ୍ଜଳୀ ତାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ କରିଥିଲେ । ଏହାପରେ ମାଜିଷ୍ଟ୍ରେଟ ଦାଇତ୍ୱରେ ଥ ?ିବା ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଷଡଙ୍ଗୀଙ୍କ ଉପସ୍ଥିତିରେ ଶବକୁ ବାହାର କରାଯାଇ ପଂଚନାମା କରାଯାଇଥିଲା । ଏହାସହ ମୃତ ଦେହର ଅଧିକ ପରୀକ୍ଷା ଆବଶ୍ୟକ ହେତୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

## ପୋଷଣ ମାହ ଅବସରରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ



ନବରଙ୍ଗପୁର,୫।୧୦(ପ୍ରବାହ ନ୍ୟୁଜ): ୯ମ ଜାତୀୟ ପୋଷଣ ମାହ-୨୦୨୬ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷର ପୋଷଣ ମାହର ମୁଖ୍ୟ ବାର୍ତ୍ତା “ଆମରି ଅଙ୍ଗନୱାଡି, ଆମରି ଦାୟିତ୍ୱ” ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ହାଇସ୍କୁଲର ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ନବରଙ୍ଗପୁରସ୍ଥିତ ଜେଇଏଲସି ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ରଚନା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାକୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଜିଲ୍ଲା ପୋଷଣ ସଂଯୋଜକ ଏବଂ ସମ୍ପୃକ୍ତ ଶିକ୍ଷକମାନେ ଉପସ୍ଥିତ ରହି ପ୍ରତିଯୋଗିତାଗୁଡ଼ିକର ପରିଚାଳନା କରିଥିଲେ। ରଚନା ପ୍ରତିଯୋଗିତାରେ “Nutrition and Appropriate Care – The Foundation of Child Development” Gaõ “Our Anganwadi – Our Responsibility” ବିଷୟ ଉପରେ ଛାତ୍ରଛାତ୍ରୀମାନେ ନିଜର ଜ୍ଞାନ, ଚିନ୍ତାଧାରା ଓ ଅଭିବ୍ୟକ୍ତିକୁ ପ୍ରଦର୍ଶନ କରିଥିଲେ। ସେହିପରି, ଚିତ୍ରାଙ୍କନ ପ୍ରତିଯୋଗିତାରେ “Dietary Diversity” Gaõ “Safe Motherhood – Healthy Child” ବିଷୟବସ୍ତୁକୁ ଆଧାର କରି ପ୍ରତିଯୋଗୀମାନେ ନିଜର ସୃଜନଶୀଳତା ପ୍ରକାଶ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ପୋଷଣ ମାହ-୨୦୨୬ର ବିଭିନ୍ନ ବିଷୟବସ୍ତୁକୁ ଆଧାର କରି ମୋଟ ୩୦ଟି ପ୍ରଶ୍ନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ପୋଷଣ ସମ୍ପର୍କିତ ଜ୍ଞାନ ଓ ସଚେତନତାର ମୂଲ୍ୟାୟନ କରାଯାଇଥିଲା।

ଏହା ବ୍ୟତୀତ, ସ୍ଥାନୀୟ ସ୍ମାର୍ଟ ଗୁରୁକୁଗୁରୁକୁଲ କଲେଜ ଠାରେ ଆୟୋଜିତ ହୋଇଥିବା ସ୍ୱତନ୍ତ୍ର କୁଇଜ୍ ପ୍ରତିଯୋଗିତାରେ ମୋଟ ୩୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଜିଲ୍ଲା ମମତା-ପିଏମଏମଭିୱାଇ ସଂଯୋଜକ ଏବଂ ସମ୍ପୃକ୍ତ ଅଧ୍ୟାପକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ଏହି କୁଇଜ୍ ପ୍ରତିଯୋଗିତାରେ ପୋଷଣ, ସ୍ୱାସ୍ଥ୍ୟ, ଶିଶୁ ବିକାଶ, ଅଙ୍ଗନୱାଡି କେନ୍ଦ୍ରର ଭୂମିକା, ଖାଦ୍ୟ ବିବିଧତା, ଗର୍ଭବତୀ ମହିଳା ଓ ପ୍ରସୂତି ମା’ଙ୍କ ପୋଷଣ ସମେତ ପୋଷଣ ମାହ-୨୦୨୬ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ପ୍ରଶ୍ନୋତ୍ତର ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୋଷଣ, ସ୍ୱାସ୍ଥ୍ୟ, ସୁସ୍ଥ ଜୀବନଶୈଳୀ, ଶିଶୁ ବିକାଶ, ଖାଦ୍ୟ ବିବିଧତା ଏବଂ ଅଙ୍ଗନୱାଡି କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହିତ, ଛାତ୍ରଛାତ୍ରୀମାନଙ୍କୁ ପୋଷଣ ସମ୍ପର୍କିତ ସଠିକ୍ ତଥ୍ୟ ଓ ଜ୍ଞାନ ସହିତ ଯୋଡ଼ିବା ମଧ୍ୟ ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ଛାତ୍ରଛାତ୍ରୀମାନଙ୍କ ଉତ୍ସାହ, ସୃଜନଶୀଳତା ଓ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ସମଗ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଆଗାମୀ ଜିଲ୍ଲାସ୍ତରୀୟ ପୋଷଣ ମାହ-୨୦୨୬ ସମାରୋହରେ ସମ୍ମାନିତ ଓ ପୁରସ୍କୃତ କରାଯିବ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଛାତ୍ର ଗୋଷ୍ଠୀ ସଂଘର୍ଷ - ୯ ଜଣ ଅଟକ, କ୍ୟାମ୍ପସରେ ଫୁଟ୍ ପାଟ୍ରୋଲିଂ



ବ୍ରହ୍ମପୁର,୫।୧୦(ପ୍ରବାହ ନ୍ୟୁଜ): ଅକ୍ଟୋବର ୧୫ ତାରିଖରେ ଓଡ଼ିଶାରେ ହେବ ଛାତ୍ର ସଂସଦ ନିର୍ବାଚନ। ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ପରେ ଏନେଇ ସୂଚନା ପ୍ରଦାନ କରିଛନ୍ତି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଛାତ୍ର ସଂସଦ ନିର୍ବାଚନର ବିଜ୍ଞପ୍ତି ଆସିବାର କିଛି ଘଣ୍ଟା ମଧ୍ୟରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ଦେଖିବାକୁ ମିଳିଛି କିଛି ଛାତ୍ରଙ୍କ ଅରାଜକତା କ୍ଷ ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ବ୍ରହ୍ମପୁର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ନେଇ ସୂଚନା ପାଇବା ମାତ୍ରେ ସ୍ଥାନୀୟ ପୋଲିସ ବିଳମ୍ବ ନ କରି ଘଟଣାସ୍ଥଳରେ ପହଞ୍ଚିଥିଲା। ମିନିଟ କେଇଟା ମଧ୍ୟରେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ କାବୁ କରିଥିଲା। ଉଭୟ ପକ୍ଷରୁ ମୋଟ ୯ ଜଣଙ୍କୁ ବ୍ରହ୍ମପୁର ଟାଉନ ଥାନାରେ ଅଟକ ରଖାଯାଇ ଯାଞ୍ଚ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅନ୍ୟପଟେ ବ୍ରହ୍ମପୁର ପୋଲିସ ପରିସ୍ଥିତି ଉପରେ କଡା ନଜର ରଖିଛି ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଓ ଆଖପାଖ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିଛି। ଆଗକୁ ଏଭଳି ଘଟଣା ରୋକିବା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଭିତରେ ଫୁଟ୍ ପାଟ୍ରୋଲିଂ ବ୍ୟବସ୍ଥା ମଧ୍ୟ ଆରମ୍ଭ କରାଯାଉଛି। ସମସ୍ତ ଛାତ୍ର ଓ ସଂପୃକ୍ତ ପକ୍ଷଙ୍କୁ ଶାନ୍ତି ବଜାୟ ରଖିବା, ସଂଯମତା ଅବଲମ୍ବନ କରିବା ଏବଂ ଜନ ଶୃଙ୍ଖଳା ଭଙ୍ଗ ବା ଉତ୍ତେଜନା ସୃଷ୍ଟି କରୁଥିବା କୌଣସି କାର୍ଯ୍ୟରୁ ଦୂରେଇ ରହିବାକୁ ପୋଲିସ ପରାମର୍ଶ ଦେଇଛି। ହିଂସା, ଧମକ, ବେଆଇନ ସମାବେଶ ବା ଅନ୍ୟ କୌଣସି ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ହେଲେ ତୁରନ୍ତ ଓ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛି ପୋଲିସ କ୍ଷ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଶୃଙ୍ଖଳିତ କ୍ୟାମ୍ପସ ପରିବେଶ ସୁନିଶ୍ଚିତ କରିବା ପାଇଁ ବ୍ରହ୍ମପୁର ପୋଲିସ ପ୍ରତିବଦ୍ଧ ବୋଲି ସୂଚନା ପ୍ରଦାନ କରିଛି ।

## ବନ୍ୟାରେ ବୁଡ଼ିଲା ଶହଶହ ଏକର ଧାନ

### ତେଲନଦୀ ତଳୁଆ ଅଞ୍ଚଳରେ ଫସଲ କ୍ଷତି; କ୍ଷେତ୍ରସ୍ତରୀୟ ସର୍ଭେ ସହ ସରକାରୀ ସହାୟତା ଦାବି



ଗୋଲାମୁଣ୍ଡା,୫।୧୦(ପ୍ରବାହ ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ରେଙ୍ଗସାପାଲି ଗ୍ରାମପଞ୍ଚାୟତର ତେଲନଦୀ ତଳୁଆ ଅଞ୍ଚଳରେ ସମ୍ପ୍ରତି ହୋଇଥିବା ବନ୍ୟା ଚାଷୀମାନଙ୍କ ଚିନ୍ତା ବଢ଼ାଇଦେଇଛି। ବନ୍ୟାଜଳ ମାଡ଼ି ଆସି ବହୁ ଚାଷଜମି ଜଳମଗ୍ନ ହୋଇଥିବାରୁ ପକ୍କା ହେବାକୁ ଥିବା ଧାନ ଫସଲର କ୍ଷତି ହୋଇଥିବା ଚାଷୀମାନେ କହିଛନ୍ତି। ଏଥିସହ ଚାଷରେ ଲାଗିଥିବା ଶ୍ରମ, ବିହନ, ସାର ଓ ଅନ୍ୟାନ୍ୟ ଖର୍ଚ୍ଚ ନେଇ ମଧ୍ୟ ଚାଷୀମାନେ ଆର୍ଥିକ ଚାପରେ ପଡ଼ିଛନ୍ତି। ବନ୍ୟା ପରେ କ୍ଷତିଗ୍ରସ୍ତ ଚାଷୀମାନେ କ୍ଷୟକ୍ଷତି ଆକଳନ ପାଇଁ ବୋରଗୁଡ଼ା ରାଜସ୍ୱ ନିରୀକ୍ଷକ (ଆ ?ଆଇ)ଙ୍କୁ ଭେଟିଥିବା ଜଣାପଡ଼ିଛି। ଗାଁ ସାଥୀଙ୍କ ମାଧ୍ୟମରେ ସର୍ଭେ କରାଯିବ ବୋଲି ସେମାନଙ୍କୁ କୁହାଯାଇଥିବା ଚାଷୀମାନେ କହିଛନ୍ତି। ତେବେ ଫସଲ କ୍ଷୟକ୍ଷତିର ପ୍ରକୃତ ଚିତ୍ର ସ୍ପଷ୍ଟ କରିବା ପାଇଁ ରାଜସ୍ୱ ଓ କୃଷି ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଜମିସ୍ତରରେ ଯୁଗ୍ମ ସର୍ଭେ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀମାନଙ୍କ କହିବା ଅନୁଯାୟୀ, ସର୍ଭେ ସମୟରେ ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀଙ୍କ ନାମ, ଜମିର ପରିମାଣ, ଖାତା ଓ ପ୍ଲଟ୍ ? ନମ୍ବର ସହ ଫସଲର କ୍ଷୟକ୍ଷତିର ସଠିକ ତଥ୍ୟ ଲିପିବଦ୍ଧ କରାଯିବା ଆବଶ୍ୟକ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସରକାରୀ ସହାୟତା ପାଇବାରେ ଯୋଗ୍ୟ ଚାଷୀଙ୍କ ଚିହ୍ନଟ ସହଜ ହେବ ବୋଲି ସେମାନେ ଆଶା କରିଛନ୍ତି। ପ୍ରଶାସନିକ ସର୍ଭେ ଓ କ୍ଷୟକ୍ଷତି ଆକଳନ ପରେ ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ଚାଷୀଙ୍କୁ ଫସଲ କ୍ଷତି ସହାୟତା କିମ୍ବା ଉପଲବ୍ଧ ଇନପୁଟ୍ ସହାୟତା ମିଳିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଫସଲ ବୀମାରେ ସାମିଲ ଥିବା ଚାଷୀମାନେ ମଧ୍ୟ ନିୟମ ଅନୁଯାୟୀ ନିଜ ଦାବି ପ୍ରକ୍ରିୟା ସମ୍ପର୍କରେ କୃଷି ବିଭାଗ ଓ ସମ୍ପୃକ୍ତ ବୀମା ବ୍ୟବସ୍ଥା ସହ ଯୋଗାଯୋଗ କରିବାକୁ ଚାଷୀମାନଙ୍କ ପକ୍ଷରୁ ଅନୁରୋଧ ହୋଇଛି। ଏଥିସହ ବନ୍ୟା ପରେ ଯେଉଁ ଜମିରେ ପୁନଃଚାଷ ସମ୍ଭବ, ସେଠାରେ ପରିସ୍ଥିତି ଅନୁଯାୟୀ ଆବଶ୍ୟକ ବିହନ, ସାର ଓ ଅନ୍ୟାନ୍ୟ କୃଷି ଇନପୁଟ୍ ? ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଶୀଘ୍ର କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରନ୍ତୁ ବୋଲି ମଧ୍ୟ ଦାବି ହୋଇଛି ।କେତେକ ଚାଷୀଙ୍କ ପାଖରେ ବନ୍ୟାରେ କ୍ଷତିଗ୍ରସ୍ତ ଜମି ଓ ଧାନ ଫସଲର ଫଟୋ ଏବଂ ଭିଡିଓ ଥିବା ଜଣାପଡ଼ିଛି। ଏଭଳି ଦଲିଲ ଉପଲବ୍ଧ ଥିଲେ ତାହାକୁ ମଧ୍ୟ ପ୍ରଶାସନିକ ଯାଞ୍ଚ ସମୟରେ ବିଚାରକୁ ନିଆଯାଇ ପାରିଲେ କ୍ଷୟକ୍ଷତି ଆକଳନ ଅଧିକ ସ୍ପଷ୍ଟ ହେବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରାଥମିକ ତାଲିକାରେ ଭୁବନେଶ୍ୱର କଟା, ପିତା–ରାମସିଂ କଟା; ରଘୁ ହରିଜନ; ଘଶିଆ ସୁନାନୀ; ଦାମ ବିଶି, ପିତା–ରାମ ବିଶି; କୁମର କଟା, ପିତା–ରଘୁମାନୀ କଟା; କୃଷ୍ଣ କଟା, ପିତା–ଚନ୍ଦ୍ରଶେଖର କଟା; ସମତୁଲ କଟା, ପିତା–ଧରାମସିଂ କଟା ଏବଂ ଧୂରବ ହରିଜନ, ପିତା–ସିଙ୍ଗ ହରିଜନଙ୍କ ନାମ ରହିଛି। ତେବେ ଏହି ତାଲିକା ଚାଷୀମାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରାଥମିକ ତଥ୍ୟ ମାତ୍ର। ପ୍ରଶାସନିକ ସର୍ଭେ ଓ ଯାଞ୍ଚ ପରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କ ସଂଖ୍ୟା, କ୍ଷତିଗ୍ରସ୍ତ ଜମିର ପରିମାଣ ଏବଂ ଫସଲ କ୍ଷୟକ୍ଷତିର ପରିମାଣ ସ୍ପଷ୍ଟ ହେବ ।ବନ୍ୟାରେ ଚାଷ ନଷ୍ଟ ହୋଇଥିବା ଚାଷୀମାନଙ୍କ ପାଇଁ ଏବେ ତ୍ୱରିତ ଓ ସ୍ୱଚ୍ଛ କ୍ଷୟକ୍ଷତି ଆକଳନ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସର୍ଭେ ସମୟରେ ଯୋଗ୍ୟ ଚାଷୀଙ୍କ ତଥ୍ୟ ସଠିକ ଭାବେ ରେକର୍ଡ କରାଯାଇ, ସରକାରୀ ନିୟମ ଅନୁଯାୟୀ ଯେଉଁ ସହାୟତା ପାଇବାକୁ ସେମାନେ ଯୋଗ୍ୟ, ତାହା ଶୀଘ୍ର ପହଞ୍ଚାଇବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

## କୁଷ୍ଠ ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମାନବିକତାର ପରିଚୟ, ସବ ସତ୍କାର କଲେ ତହସିଲଦାର ଓ ସରପଞ୍ଚ



ବୌଦ୍ଧ ,୫।୧୦(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା ପୁରୁଣାକଟକ କଲେଜ ଛକ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ଦୀର୍ଘଦିନ ଧରି ରହୁଥିବା ଜଣେ କୁଷ୍ଠ ଆକ୍ରାନ୍ତ ବ୍ୟକ୍ତିଙ୍କର ଆଜି ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ବିଶିକେଶନ ଦନାୟକ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିଲେ !କିନ୍ତୁ ମୃତ୍ୟୁ ପରେ ମୃତଦେହକୁ ସତ୍କାର ବା ସ୍ପର୍ଶ କରିବାକୁ କେହି ମଧ୍ୟ ଆଗକୁ ଆସିନଥିଲେ। ଏହି ସମୟରେ ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା ଓ ସ୍ଥାନୀୟ ସରପଞ୍ଚ ଅଶୋକ ସେଠି , ସୁକାନ୍ତ ପଟ୍ଟନାୟକ, ପଞ୍ଚାନନ ଆପଟ, ବାବୁଲି ସାହୁ, ପିଇଓ ଲଡ୍ଡୁ କିଶୋର ସାହୁ, ଯୋଗେନ୍ଦ୍ର ସାହୁ, ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମାନବିକତାର ପରିଚୟ ଦେଇ ମୃତ ବ୍ୟକ୍ତିଙ୍କର ଶେଷକୃତ୍ୟ ପାଇଁ ପଦକ୍ଷେପ ନେଇଥିଲେ ଏବଂ ଶେଷରେ ସବ ସତ୍କାର କରାଯାଇଥିବା ଜଣାପଡ଼ିଛି। ତହସିଲଦାର ଓ ସରପଞ୍ଚ ଓ ସ୍ଥାନୀୟ ଲୋକଙ୍କ ଏହି ମାନବିକ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି।

## ଶିମିଳିପୁର କ୍ଲଷ୍ଟରର ଚତୁର୍ଥ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ

ବାଙ୍କୀ,୫।୧୦(ପ୍ରବାହ ନ୍ୟୁଜ): ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ରାମଚନ୍ଦ୍ର ପଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ଶିମିଳିପୁର କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସି.ଆର.ସି.ସି ମୋନାଲିସା ପ୍ରିୟଦର୍ଶିନୀ ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ୯ଟି ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ଜିଲ୍ଲା ଏଡିଇଓ ସନ୍ତୋଷ କୁମାର ସେଠୀ, ଡିଆରସିସି ପ୍ରଫୁଲ୍ଲ ବେହେରା ଓ ଏବିଇଓ କାର୍ତ୍ତିକ ଚନ୍ଦ୍ର ବେହେରା ଯୋଗଦାନ କରି ଶିକ୍ଷାର ଗୁଣାତ୍ମକ ଉନ୍ନତି, ଶ୍ରେଣୀ କକ୍ଷ ଶିକ୍ଷଣୀୟ ଓ ଟିଏଲ୍ଏମ୍ ବ୍ୟବହାର ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ବୈଠକରେ ଭାଷା ଜ୍ଞାନରେ ପଞ୍ଚପଦୀ ଶିକ୍ଷଣସୋପାନ, ଡିକୋର୍ଡିଂ ଓ କୋର୍ଡିଂ ସଂପର୍କରେ ଆଲୋଚନା କରାଯାଇଥିଲା । ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁ ଆଲୋଚନାରେ ଭାଗନେଇ କିପରି ଏହି ସବୁ କାର୍ଯ୍ୟକ୍ରମ ସଫଳ ହୋଇପାରିବ ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଆନ୍ଧ୍ରର ସ୍ୱାର୍ଥ ପାଇଁ ପ୍ରସ୍ତାବିତ ନେରେଡି ବ୍ୟାରେଜ ଯୁଗ୍ମ ଅନୁଧ୍ୟାନ କମିଟିକୁ ଅଞ୍ଚଳବାସୀଙ୍କ ବିରୋଧ ଅନୁଧ୍ୟାନ ନକରି ଫେରିଗଲେ ଆନ୍ଧ୍ର ଅଧିକାରୀ



ପାରଳାଖେମୁଣ୍ଡି,୫।୧୦(ପ୍ରବାହ ନ୍ୟୁଜ): ଆନ୍ଧ୍ରପ୍ରଦେଶର ସ୍ୱାର୍ଥ ପାଇଁ ପ୍ରସ୍ତାବିତ ନେରେଡି ବ୍ୟାରେଜ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆସିଥିବା ଯୁଗ୍ମ ଅନୁଧ୍ୟାନ କମିଟିକୁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ଯୋଗୁଁ ଅନୁଧ୍ୟାନ ନକରି ଆନ୍ଧ୍ରରୁ ଆସିଥିବା ସମସ୍ତ ଆନ୍ଧ୍ର ଅଧିକାରୀ ଫେରି ଯାଇଥିବା ସୂଚନା ମିଳିଛି. ବଂଶଧାରା ନଦୀରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପ୍ରସ୍ତାବିତ ନେରେଡି ବ୍ୟାରେଜ୍ ନିର୍ମାଣକୁ ନେଇ ପୁଣି ଗଜପତି ଜିଲ୍ଲାର କାଶୀନଗର ବ୍ଲକ ସୀମାବର୍ତ୍ତୀ ଅଞ୍ଚଳର ଚାଷୀ ଓ ଜନ ସାଧାରଣଙ୍କ ଠାରେ ପୁଣି ବିରୋଧ ତେଜିଛି। ଏହି ବ୍ୟାରେଜ୍ ନିର୍ମାଣସ୍ଥଳ ଅନୁଧ୍ୟାନ ପାଇଁ ଗତକାଲି ଅପରାହ୍ଣରେ କାଶୀନଗର ବ୍ଲକର ବଂଶଧାରା ନଦୀ କୂଳରେ ଥିବା ଆନ୍ଧ୍ର -ଓଡ଼ିଶା ଯୁଗ୍ମ କମିଟିର ସମସ୍ତ ଅଧିକାରୀମାନଙ୍କୁ ଅଞ୍ଚଳବାସୀ ପ୍ରବେଶ କରାଇ ନ ଦେବାରୁ ସମସ୍ତ ଅଧିକାରୀ ସେଠାରୁ ଫେରିଯାଇଥିବା ଜଣାପଡ଼ିଛି। ଉଭୟ ଆନ୍ଧ୍ର ଓ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ଯୁଗ୍ମ ଅନୁଧ୍ୟାନକୁ ସ୍ଥାନୀୟ ଲୋକଙ୍କ ଏହି ତୀବ୍ର ବିରୋଧ ଆଗାମୀ ଦିନରେ କେଉଁ ରୂପ ଧାରଣ କରିବ ସେ ନେଇ ବିଭିନ୍ନ ଆଶଙ୍କା ପ୍ରକାଶ ପାଉଛି. ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅଞ୍ଚଳରେ ଗ୍ରାମସଭା ଓ ପଲ୍ଲୀସଭାର ମତାମତକୁ କୌଣସି ଭାବେ ଗୁରୁତ୍ୱ ଦିଆ ନ ଯାଇ କେବଳ ଆନ୍ଧ୍ରର ସ୍ୱାର୍ଥ ପାଇଁ ଏକତରଫା ଭାବେ ନେରେଡି ବ୍ୟାରେଜ ନିର୍ମାଣ ନିଷ୍ପତ୍ତି ଯୋଗୁଁ ଓଡ଼ିଶାର ଗଜପତି ଜିଲ୍ଲା ଚାଷୀଙ୍କ ବିଶେଷ କ୍ଷତି ହେବ ବୋଲି କାଶୀନଗର ଅଞ୍ଚଳବାସୀ ଅଭିଯୋଗ କରି କହିଛନ୍ତି ଏହି ନେରେଡି ବ୍ୟାରେଜ ପାଇଁ ଓଡିଶାର ୧୦୬ ଏକର ଚାଷ ଜମି ଅଧିଗ୍ରହଣ ପାଇଁ ଆନ୍ଧ୍ର ଷଡ଼ଯନ୍ତ୍ର କରିଛି. ଏହାଛଡା ଏହି ବ୍ୟାରେଜରେ ସଂରକ୍ଷିତ ଜଳ ଉପରେ ମଧ୍ୟ ଓଡିଶାର କାଶୀନଗର ଅଞ୍ଚଳର ଚାଷୀମାନଙ୍କ ସେପରି ଅଧିକାର ରହିବ ନାହିଁ. କେବଳ ଆନ୍ଧ୍ରର ସ୍ୱାର୍ଥ ଲାଗି କାଶୀନଗର ଅଞ୍ଚଳର ଚାଷୀଙ୍କ ବହୁ କ୍ଷତି ଘଟିବ.ତେଣୁ ଏହି ନେରେଡି ବ୍ୟାରେଜ ନିର୍ମାଣକୁ ବର୍ତ୍ତମାନ ଭଳି ଆଗାମୀ ଦିନରେ ମଧ୍ୟ ବିରୋଧ ଜାରି ରହିବ ବୋଲି କାଶୀନଗର ବ୍ଲକର ବଂଶଧାରା ନଦୀ ତଟର ଚାଷୀ ଏବଂ ଅଞ୍ଚଳବାସୀମାନେ ଏକତ୍ରିତ ଭାବେ ମତପୋଷଣ କରିଛନ୍ତି।

### ଲଗାତାର ତୃତୀୟ ମାସ ପାଇଁ ଓଏସ୍ଡବ୍ଲ୍ୟୁଏଏସ୍ ଫାଇଲ୍ ପ୍ରକ୍ରିୟାକରଣରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜ୍ୟରେ ପ୍ରଥମ

## ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



ନବରଙ୍ଗପୁର,୫।୧୦(ପ୍ରବାହ ନ୍ୟୁଜ): ସରକାରୀ କାର୍ଯ୍ୟାଳୟରେ ଫାଇଲ୍ ପ୍ରକ୍ରିୟାକରଣକୁ ଅଧିକ ଦ୍ରୁତ, ସ୍ୱଚ୍ଛ, ଦକ୍ଷ ଓ ସମୟବଦ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବାର କାର୍ଯ୍ୟକାରୀ ରୂପାୟଣ କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ପୁଣିଥରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେପ୍ଟେମ୍ବର ୨୦୨୬ ମାସରେ ଫାଇଲ୍ ପ୍ରକ୍ରିୟାକରଣର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ସହ ଲଗାତାର ତୃତୀୟ ମାସ ପାଇଁ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେପ୍ଟେମ୍ବର ମାସର ଡ଼ଝଡଇଝ ପ୍ରଦର୍ଶନ ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ୧,୮୦୦ଟି ଫାଇଲ୍ ପ୍ରକ୍ରିୟାକରଣର ଲକ୍ଷ୍ୟ ବିପକ୍ଷରେ ୧,୮୬୦ଟି ଫାଇଲ୍ ପ୍ରକ୍ରିୟାକରଣ କରି ଲକ୍ଷ୍ୟ ଅତିକ୍ରମ କରିଛି। ସେହିପରି ରାଜସ୍ୱ ବିଭାଗ ୧,୦୬୬ଟି ଏବଂ ନ୍ୟାୟିକ ବିଭାଗ ୬୮୮ଟି ଫାଇଲ୍ ପ୍ରକ୍ରିୟାକରଣ କରି ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ସଫଳତା ହାସଲ କରିଛନ୍ତି।

ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟ ମଧ୍ୟରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର ୧,୨୦୦ଟି ଫାଇଲ୍ ପ୍ରକ୍ରିୟାକରଣର ଲକ୍ଷ୍ୟ ବିପକ୍ଷରେ ୧,୨୪୦ଟି ଫାଇଲ୍ ପ୍ରକ୍ରିୟାକରଣ କରିଛି। ଏହାସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ୧,୧୦୩ଟି ଏବଂ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ୨୮୪ଟି ଫାଇଲ୍ ପ୍ରକ୍ରିୟାକରଣ କରି ନିଜ ନିଜ ଲକ୍ଷ୍ୟ ଅତିକ୍ରମ କରିଛନ୍ତି। ବ୍ଲକ୍ ସ୍ତରରେ ମଧ୍ୟ ଡ଼ଝଡଇଝ ଫାଇଲ୍ ପ୍ରକ୍ରିୟାକରଣରେ ଉଲ୍ଲେଖନୀୟ ପ୍ରଦର୍ଶନ ହୋଇଛି। ନବରଙ୍ଗପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ୬୦୦ଟି ଫାଇଲ୍ ପ୍ରକ୍ରିୟାକରଣର ଲକ୍ଷ୍ୟ ବିପକ୍ଷରେ ୧,୦୫୩ଟି ଫାଇଲ୍ ପ୍ରକ୍ରିୟାକରଣ କରିଥିବାବେଳେ ଉମରକୋଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ୬୦୦ଟି ଲକ୍ଷ୍ୟ ବିପକ୍ଷରେ ୬୩୧ଟି ଫାଇଲ୍ ପ୍ରକ୍ରିୟାକରଣ କରି ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଆଜି ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ମହେଶ୍ୱର ସ୍ୱାଇଁ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ଅଧିକାରୀମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ସମିନା ଅଖତରୀ, ଡେପୁଟି କଲେକ୍ଟର ଗୀତାଞ୍ଜଳି ବେହେରା, ଡେପୁଟି କଲେକ୍ଟର ଭାଗ୍ୟଶ୍ରୀ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ପାଢ଼ୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ନବରଙ୍ଗପୁର ବିଡିଓ ସୁନୀଲ ଖରା ଏବଂ ଉମରକୋଟ ବିଡିଓ ମନୋଜ କୁମାର ମେହେର ପ୍ରମୁଖ ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହି ଡ଼ଝଡଇଝର ସୁଚାରୁ ବ୍ୟବହାର ମାଧ୍ୟମରେ ସରକାରୀ କାର୍ଯ୍ୟରେ ଦକ୍ଷତା, ପାରଦର୍ଶିତା ଓ ସମୟବଦ୍ଧତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ. ସ୍ୱାଇଁ ଡ଼ଝଡଇଝ ମାଧ୍ୟମରେ ଫାଇଲ୍ ପ୍ରକ୍ରିୟାକରଣରେ ଦ୍ରୁତତା, ଦକ୍ଷତା ଓ ସମୟବଦ୍ଧତା ବଜାୟ ରଖିବା ସହ ଆଗାମୀ ଦିନରେ ମଧ୍ୟ ଏହି ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଥିଲେ। ସରକାରୀ କାର୍ଯ୍ୟରେ ଦକ୍ଷତା, ପାରଦର୍ଶିତା, ଜବାବଦେହିତା ଓ ତ୍ୱରିତ ସେବା ପ୍ରଦାନ ସୁନିଶ୍ଚିତ କରିବାରେ ଡ଼ଝଡଇଝ ଏକ ପ୍ରଭାବଶାଳୀ ଡିଜିଟାଲ୍ ପଦକ୍ଷେପ ବୋଲି ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



For News , Advertisement & Circulation
Contact: 9938340066
Email id: prabaha2008@gmail.com
prabaha.daily@gmail.com

ପ୍ରବାହ PRABAHA
06 October, ୨୦୨୬



**ସନ୍ନ୍ୟାସଃ କର୍ମଯୋଗଶ୍ଚ, ନିଃଶ୍ରେୟ ସକରାବୁଭୌ**
**ତୟୋସ୍ତୁକର୍ମସନ୍ୟାସାତ୍, କର୍ମଯୋଗ ବିଶିଷ୍ୟତେ**
**ଜ୍ଞେୟଃ ସ ମିତ୍ୟ ସନ୍ନ୍ୟାସୀ, ଯୋନ ଦ୍ୱେଷ୍ଟି ନ କାଂକ୍ଷତି**
**ନିର୍ଦ୍ୱନ୍ଦୋହିଃ ମହାବାହୋ ସୁଖଂ ବନ୍ଧ୍ୟାତ୍ ପ୍ରମୁଚ୍ୟତେ**

ସକାମ କର୍ମଯୋଗ ତ୍ୟାଗ କରିବା, ନିଷ୍କାମ କର୍ମରେ ଯୋଗ ଦେବା ଏ ଉଭୟ ମୋକ୍ଷ ଦାୟକ। ଦୁହିଁଙ୍କ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ। ଯାହାର ଦ୍ୱେଷ ବା ଆକାଂକ୍ଷା ନାହିଁ ସେ ସନ୍ନ୍ୟାସୀ। ସେ ରାଗ, ଦ୍ୱେଷ ଶୂନ୍ୟ ହୋଇ ବନ୍ଧନରୁ ମୋକ୍ଷ ହୁଏ।

# ବାଘବଂଶ ଲୋପ୍ ପାଇଯିବ କି !

ଭାରତର ପୂର୍ବ-କେନ୍ଦ୍ରୀୟ ଅଞ୍ଚଳରେ କଳରାପତରିଆ ବାଘଙ୍କ ସଂଖ୍ୟା କ୍ରମାଗତ ଭାବେ କମିବାରେ ଲାଗିଛି । ଓଡିଶାରେ ଏମିତି କିଛି ଅଭୟାରଣ୍ୟ ଅଛି, ଯେଉଁଠି କଳରାପତରିଆ ବାଘ ବଂଶ ବିସ୍ତାରର କୌଣସି ସମ୍ଭାବନା ନାହିଁ । ଘଞ୍ଚ ଜଙ୍ଗଲରେ କାଁ ଭାଁ ବିଚରଣ କରୁଛନ୍ତି । ଏହି ବିରଳ ବନ୍ୟଜନ୍ତୁର ବାସସ୍ଥାନ ନଷ୍ଟ, ଶିକାର ଏବଂ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ଭଳି କାରଣ ହିଁ ଏହା ପଛର ମୁଖ୍ୟ କାରଣ । ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଡବ୍ଲୁଆଇଆଇ) ର ଏକ ଗବେଷଣାରୁ ଏହା ଜଣାପଡ଼ିଛି । ଡବ୍ଲୁଆଇଆଇର ବରିଷ୍ଠ ବୈଜ୍ଞାନିକ ବିଭାସ ପାଣ୍ଡବଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଦୀର୍ଘ ବର୍ଷେ ଧରି ଚିତାବାଘ ସହ ଅନ୍ୟାନ୍ୟ ବଡ଼ ମାଂସାଶୀ ବନ୍ୟପ୍ରାଣୀଙ୍କ ଉପରେ ଗବେଷଣା କରୁଛନ୍ତି । ଓଡ଼ିଶା, ଛତିଶଗଡ଼, ଝାରଖଣ୍ଡରେ ଯେଉଁ ସବୁ ଜଙ୍ଗଲରେ ଚିତାବାଘ ବଂଶର ଛାପ ରହିଛି, ସେଠାରେ ଟ୍ରାପ୍ କ୍ୟାମେରା ଯୋଗେ ଚିତାବାଘ ଗଣନା କରାଯାଉଛି । ଗବେଷକମାନେ ଶିମିଳିପାଳ-ସାତକୋଶିଆ ଅଭୟାରଣ୍ୟର ସଂରକ୍ଷିତ ଏବଂ ଅଣ-ସଂରକ୍ଷିତ ଅଞ୍ଚଳକୁ ନେଇ ଗଠିତ ବିଖଣ୍ଡିତ ଜଙ୍ଗଲରେ କଳରାପତରିଆ ବାଘ ଏବଂ ସେମାନଙ୍କ ଦ୍ୱାରା ଶିକାର ହେଉଥିବା ପ୍ରାଣୀଙ୍କ ସଂଖ୍ୟାର ଆକଳନ କରୁଛନ୍ତି ।

ବର୍ତ୍ତମାନ ସୁଦ୍ଧା ଅଧ୍ୟୟନରୁ ଜଣାପଡ଼ିଛି ଯେ ୩ଟି ରାଜ୍ୟ ଭିତରେ ସବୁଠୁ ଅଧିକ କଳରାପତରିଆ ବାଘ ସାତକୋଶିଆ ଅଭୟାରଣ୍ୟରେ ଅଛନ୍ତି । ସାତକୋଶିଆ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନରେ ୧୦୦ ବର୍ଗକିମି ପିଛା ୧୭ଟି ଚିତାବାଘ ରହୁଛନ୍ତି । କୁଲଡିହା ଏବଂ ହଦଗଡ଼ ଭଳି ବନ୍ୟପ୍ରାଣୀ ଅଭୟାରଣ୍ୟରେ ବ୍ରିଡିଂ ପପୁଲେସନର ଚିହ୍ନବର୍ଣ୍ଣ ନାହିଁ । ଅର୍ଥାତ୍, ସେଠାରେ କାଁ ଭାଁ ଗୋଟିଏ ଲିଙ୍ଗର ଚିତାବାଘ ରହୁଛନ୍ତି । ଆଗାମୀ ଦିନରେ ବଂଶ ବିସ୍ତାର ହୋଇନପାରେ । କିନ୍ତୁ ରେବଣା ଅଭୟାରଣ୍ୟରେ ୧୦୦ ବର୍ଗକିମି ୩ଟି କଳରାପତରିଆ ବାଘ ଦେଖାଯାଉଛନ୍ତି । ଶ୍ରୀ ପାଣ୍ଡବଙ୍କ କହିବା ମୁତାବକ, କଳରାପତରିଆ ବାଘ ବାସସ୍ଥଳୀର ସୁରକ୍ଷା ନିହାତି ଦରକାର । ଜନବସତିର ପୁର୍ନବାସ କରାଗଲେ, କିଛି ମାତ୍ରାରେ ଚିତାର ବଂଶବିସ୍ତାର ହୋଇପାରେ । କଳରାପତରିଆ ବାଘ ସାଧାରଣତଃ ମଣିଷଙ୍କୁ ଏଡ଼ାଇବାକୁ ପସନ୍ଦ କରେ । କିନ୍ତୁ ଖାଦ୍ୟ ସନ୍ଧାନରେ ଜନବସତି ଆଡ଼କୁ ମାଡ଼ିଯାଏ । କଳରାପତରିଆ ବାଘର ଶରୀରରେ ଥିବା 'ରୋଜେଟ୍' (ଗୋଲାକାର ଫୁଲ ପରି ଚିହ୍ନ) ଦ୍ୱାରା ଚିହ୍ନଟ କରାଯାଉଛି । କଳରାପତରିଆ ର ମଳ ନମୁନାରୁ ମିଳିଥିବା 'ମେଡୁଲାରୀ ଗାର୍ଡ ହେୟାର (ଲୋମ)ର ପରୀକ୍ଷଣରୁ ଏମାନଙ୍କ ଖାଦ୍ୟାଭାସକୁ ମଧ୍ୟ ତର୍ଜମା ଚାଲିଛି ।

**ସମ୍ପାଦକ ମଣ୍ଡଳି**
ପରିଚାଳନା ସମ୍ପାଦକ
**ସିଦ୍ଧାର୍ଥ ସ୍ୱରୂପ ଦାଶ**
ମୁଖ୍ୟ ସମ୍ପାଦକ
**ରଞ୍ଜିତ କୁମାର ଆଚାର୍ଯ୍ୟ**
କାର୍ଯ୍ୟନିର୍ବାହୀ ସମ୍ପାଦକ
**ପ୍ରକାଶ ଶତପଥୀ**

# ବ୍ରିକ୍ସର ସଫଳତାରେ ଚିନ୍ତିତ ପଶ୍ଚିମବିଶ୍ୱ

**ସୌମେନ୍ଦ୍ର ଜେନା**

କ୍ସ ଯେତେବେଳେ ଆରମ୍ଭ ହୋଇଥିଲା ସେହି ସମୟରେ ଜି-୭ ପରି ବଡ ରାଷ୍ଟ୍ର ଗୋଷ୍ଠି ନାଟୋ ପରି ଗୋଷ୍ଠି ଏହି ଛୋଟ ସମୂହକୁ ଢେର ସମାଲୋଚନା କରିଥିଲେ । ଏହାକୁ ଦୁର୍ବଳ ରାଷ୍ଟ୍ରଗୁଡିକର କ୍ଲବ କହି ଉପହାସ କରିଥିଲେ । କିନ୍ତୁ ଏବେ ବ୍ରିକ୍ସ ବିଶ୍ୱର ସବୁଠୁ ଅଧିକ ସଶକ୍ତ, ସକ୍ରିୟ ଏବଂ ପ୍ରଭାବଶାଳୀ ଗୋଷ୍ଠି ଭାବେ ସମ୍ମୁଖକୁ ଆସିଛି । ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହାର ସଫଳ ବୈଠକ ତାର ପ୍ରମାଣ । କାରଣ ପୂର୍ବ ବୈଠକ କାଜାନଠାରେ ହୋଇଥିଲା ବେଳେ ରାଷ୍ଟ୍ରଗୁଡିକର ମତପାର୍ଥକ୍ୟ ଯୋଗୁ ମିଳିତ ଘୋଷଣାନାମା ପ୍ରକାଶ ପାଇପାରି ନଥିଲା, ଯାହା ନୂଆଦିଲ୍ଲୀଠାରେ ହୋଇଛି । ଏଠାରେ ଆଉ ଏକ ସଫଳତାର ବିଷୟ ହେଲା ଯୁଦ୍ଧର ଘନଘଟା ମଧ୍ୟରେ ଇରାନ-ସଂଯୁକ୍ତ ଆରବ ଅମିରାତ ପରି ଦୁଇ ଶତ୍ରୁରାଷ୍ଟ୍ରର ମୁହାଁମୁହିଁ ଆଲୋଚନା । ଭାରତ-ଚୀନ ପରି ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତି । ପଶ୍ଚିମବିଶ୍ୱର ବହୁରାଷ୍ଟ୍ରଙ୍କ ବିରୋଧ ଓ କଟକଣାକୁ ସାମ୍ନା କରିଆସିଥିବା ରୁଷିଆର ରାଷ୍ଟ୍ରପତିଙ୍କ ଏଠାରେ ଉପସ୍ଥିତି ଏବଂ ପୁଟିନଙ୍କ ଜବରଦସ୍ତ ସ୍ୱାଗତ । ଇରାନର ରାଷ୍ଟ୍ରପତି ପେଜେସ୍କିୟାନଙ୍କ ହାତଧରି ମୋଦି ସ୍ୱାଗତ କରି ନେବା, ଦକ୍ଷିଣବିଶ୍ୱର ନେତାମାନଙ୍କୁ ଆଲୋଚନାରେ ସ୍ଥାନ ଓ ସମ୍ମାନ ଦେବା, ପଶ୍ଚିମବିଶ୍ୱର ଆର୍ଥିକ କଟକଣା ମଧ୍ୟରେ ବାଣିଜ୍ୟ ଏବଂ ଯୋଗାଣକୁ ଜାରି ରଖିବା ପାଇଁ ବିକଳ୍ପ ମାର୍ଗର ସନ୍ଧାନ କରିବା, ସମୁଦ୍ରପଥକୁ ବାଣିଜ୍ୟ ନିମନ୍ତେ ଉନ୍ମୁକ୍ତ ରଖିବା, ମୂଲ୍ୟବାନ ଖଣିଜ ସଂପଦର ଯୋଗାଣ ଉପରେ ଜୋରଦେବା ଆଦି ବିଷୟ ଉଲ୍ଲେଖନୀୟ ଥିଲା ।

ସେପ୍ଟେମ୍ବର ୧୨ ଓ ୧୩ ୨୦୨୬ରେ ନୂଆଦିଲ୍ଲୀର ଭାରତ ମଣ୍ଡପ ଠାରେ ବ୍ରିକ୍ସର ୧୮ଶ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା। "ନମନୀୟତା, ନବସର୍ଜନ, ସହଯୋଗ ଏବଂ ନିରନ୍ତରତା" ସଂପର୍କରେ ହୋଇଥିବା ବିଶେଷ ଆଲୋଚନାରେ ଅନେକଗୁଡିଏ ରାଷ୍ଟ୍ରର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ୧୨ ସେପ୍ଟେମ୍ବର ୨୦୨୬ଦିନ ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ଏଥିରେ ବହୁପାକ୍ଷିକ ସ୍ୱାର୍ଥ, ବିଶ୍ୱଶାନ୍ତି, ବିଶ୍ୱର ସମୃଦ୍ଧି ବିଷୟରେ ଅନେକ ଭଲ ବିଚାର ସମସ୍ତଙ୍କ ସମ୍ମୁଖକୁ ଆସିଥିଲା । ଦୁଇ ଦଶନ୍ଧିର ଉଦ୍ୟମ ପରେ ନୂଆଦିଲ୍ଲୀଠାରେ ସବୁରାଷ୍ଟ୍ର ନିଜ ନିଜର କ୍ଷୁଦ୍ରସ୍ୱାର୍ଥକୁ ଭୁଲି ବିଶ୍ୱର ବୃହତ୍ତର ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବାକୁ ଯେପରି ସଂକଳ୍ପବଦ୍ଧ ହେଲେ ତାହା ସବୁଠୁ ବଡକଥା । ଏକଦା ବ୍ରାଜିଲ, ରୁଷିଆ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକାକୁ କେନ୍ଦ୍ରକରି ଏହି ଗୋଷ୍ଠି ଆରମ୍ଭ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ଏହା ୧୧ସଦସ୍ୟରାଷ୍ଟ୍ର ଏବଂ ୧୦ ସହଯୋଗୀ ରାଷ୍ଟ୍ରଙ୍କୁ ନିଜ ସହ ସାମିଲ କରିଛି। ୧୧ ପୂର୍ଣ୍ଣ ସଦସ୍ୟ ହେଲେ ବ୍ରାଜିଲ, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପଟ, ଇଥିଓପିଆ, ଇଣ୍ଡୋନେସିଆ, ୟୁଏଇ, ସାଉଦି ଆରବ ଏବଂ ଇରାନ । ସହଯୋଗୀ ରାଷ୍ଟ୍ରଗୁଡିକ ହେଲେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ଥାନ ଏବଂ ଭିଏତନାମ ।

ବ୍ରିକ୍ସ -୨୦୨୬ର ବିଷୟ ଅନୁଯାୟୀ ନବସର୍ଜନକୁ ଅଧିକ ଜୋର ଦିଆଯାଇଥିଲା । ସଦସ୍ୟରାଷ୍ଟ୍ରଗୁଡିକ ଡିଜିଟାଲ ଢାଞ୍ଚା ନିର୍ମାଣ, ଟେକ୍ନୋଲୋଜୀ କ୍ଷେତ୍ରରେ ନବାଚର, ଆର୍ଥିକ କ୍ଷେତ୍ରରେ ଟେକ୍ନୋଲୋଜୀର ବ୍ୟବହାର, କୃତ୍ରିମ ବୁଦ୍ଧିମତ୍ତାକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ସେମିତି ସମୃଦ୍ଧି ପାଇଁ ଆର୍ଥିକ ଶକ୍ତିବୃଦ୍ଧି, ବୈଶ୍ୱିକ ଅନିଶ୍ଚିତତାର ସମ୍ମୁଖୀନ ହେବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥାର ନିର୍ମାଣ, ଯୋଗାଣରେ ବ୍ୟାଘାତ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହ୍ୱାନ ଏବଂ ପାଣିପାଗ ପରିବର୍ତ୍ତନଜନିତ ସଂକଟର ସମ୍ମୁଖୀନ ହେବାକୁ ସଦସ୍ୟ ରାଷ୍ଟ୍ର ପ୍ରସ୍ତୁତ ରହିବାକୁ କୁହାଯାଇଥିଲା । ସହଯୋଗ ଦୃଷ୍ଟିରୁ ସଦସ୍ୟ ରାଷ୍ଟ୍ରଗୁଡିକୁ ନୀତି ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ, ବିକାଶ ପାଇଁ ଅର୍ଥ ଯୋଗାଣ, ବାଣିଜ୍ୟ ସୁବିଧା, ପ୍ରଶାସନିକ କ୍ଷେତ୍ରରେ ଆନୁଷ୍ଠାନିକ ସଂସ୍କାର, ଲୋକ କୈନ୍ଦ୍ରିକ ସହଯୋଗ ବୃଦ୍ଧିପାଇଁ କୁହାଯାଇଥିଲା । ନିରନ୍ତର ବିକାଶ ପାଇଁ ଜଳବାୟୁ ପରିବର୍ତ୍ତନ, ସବୁଜ ଅର୍ଥନୀତି,ଶକ୍ତିଗତ ଅସ୍ଥିରତାର ସମ୍ମୁଖୀନ ହେବା ପାଇଁ ମିଳିତ ପ୍ରୟାସ ଉପରେ ଜୋର ଦିଆଯାଇଥିଲା । ଚଳିତବର୍ଷ ପ୍ରତୀକ ଚିହ୍ନ ସ୍ୱରୂପ ପ୍ରସ୍ଫୁଟିତ ପଦ୍ମଫୁଲକୁ ନିଆଯାଇଥିଲା, ଯାହା ପାଞ୍ଚଟି ପାଖୁଡା ଦର୍ଶାଉଥିଲା । ଏହି ପାଞ୍ଚଟି ପାଖୁଡା ବ୍ରିକ୍ସର ପ୍ରତିଷ୍ଠାତା ପାଞ୍ଚଟି ସଦସ୍ୟରାଷ୍ଟ୍ରକୁ ବୁଝାଇଥାଏ। ପାଖୁଡାର ରଙ୍ଗ ଭିନ୍ନ ଭିନ୍ନ ହୋଇଥିଲେ ହେଁ ତାହା ସଦସ୍ୟ ରାଷ୍ଟ୍ରଗୁଡିକର ମିଳିତ ଶକ୍ତି ଓ ଏକତାକୁ ଦର୍ଶାଇଥାଏ । ବ୍ରିକ୍ସର ପରିଚୟ ମୂଳରେ ତିନୋଟି ମୁଖ୍ୟ ଆଧାର ରହିଛି ତାହା ହେଲା ରାଜନୈତିକ ଓ ସୁରକ୍ଷାଗତ ସହଯୋଗ, ଅର୍ଥ ଓ ଅର୍ଥନୀତିରେ ସହଯୋଗ, ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଓ ସହଯୋଗ ବୃଦ୍ଧି । ସମନ୍ୱୟ, ମିଳିତ ବିକାଶ, ଆଲୋଚନା ହିଁ ପ୍ରକୃତ ବିକାଶର ସ୍ତମ୍ଭ ବୋଲି ଦର୍ଶାଯାଇଛି । ତେଣୁ ବ୍ରିକ୍ସ ୨୦୨୬ର ପ୍ରତୀକ ଭାରତୀୟ ସଂସ୍କୃତି, ଆଧାରିତ । ବ୍ରିକ୍ସର ଆଲୋଚନା ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ସଦସ୍ୟ ରାଷ୍ଟ୍ରଗୁଡିକ ନିଜ ନିଜର ବାଣିଜ୍ୟିକ କାର୍ଯ୍ୟ କରିପାରିବେ ବୋଲି ସ୍ଥିର ହୋଇଥିଲା । ପୂର୍ବରୁ ଡଲାର ବିନିମୟରେ ଯେଉଁ ବ୍ୟବସାୟ ହେଉଥିଲା ଏବେ ତାହା ନକରି ସେମାନେ ନିଜ ନିଜର ଇଲେକଟ୍ରୋନିକ ଦେଣନେଣ ବ୍ୟବସ୍ଥା ମାଧ୍ୟମରେ ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ଉଚିତ ବିନିମୟ ମୁଦ୍ରା ଦେଇ ବାଣିଜ୍ୟ କରିପାରିବେ । ଏହା ହେଲେ ଡଲାର ଉପରୁ ନିର୍ଭରଶୀଳତା ହ୍ରାସ ପାଇବ । ସେଥିପାଇଁ ଏକ ବ୍ୟବସ୍ଥା ନିର୍ମାଣ ଉପରେ ସମସ୍ତେ ଜୋର ଦେଇଥିଲେ । ଏଥିମଧ୍ୟରୁ କେତେକ ଦେଶରେ ଭାରତର ୟୁପିଆଇ ପରି ସ୍ଥାନୀୟ ଦେଣ-ନେଣ ବ୍ୟବସ୍ଥା ରହିଛି । ସେଗୁଡିକୁ ପରସ୍ପର ମଧ୍ୟରେ ଯୋଡି ଦେଲେ ସୁବିଧା ହେବ ବୋଲି ମତପ୍ରକାଶ ପାଇଥିଲା । ବିଶ୍ୱର ୪୯.୫ ପ୍ରତିଶତ ଜନତା ବ୍ରିକ୍ସ ସଦସ୍ୟଙ୍କ ରାଷ୍ଟ୍ରରେ ଥିଲାବେଳେ ବିଶ୍ୱର ୨୬ପ୍ରତିଶତ ବାଣିଜ୍ୟ ଏହିସବୁ ଦେଶମାନଙ୍କ ହାତରେ ରହିଛି । ସଦସ୍ୟ ରାଷ୍ଟ୍ରଗୁଡିକର ମୋଟ ଜିଡିପି ବିଶ୍ୱର ମୋଟ ଜିଡିପିର ୪୦ ପ୍ରତିଶତ ।

ଏଠାରେ ଉଲ୍ଲେଖନୀୟ ହେଲା ଯେ ୨୦୦୬ରେ ଜାତିସଂଘ ସାଧାରଣ ପରିଷଦର ବୈଠକ ଚାଲିଥିବା ବେଳେ ବ୍ରିକ୍ସର ବିଦେଶମନ୍ତ୍ରୀମାନଙ୍କର ପ୍ରଥମ ବୈଠକ ନିଉୟର୍କଠାରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ବିଧିବଦ୍ଧ ଭାବେ ଏହାର ଉଦ୍‌ଘାଟନୀ ସମାରୋହ ୨୦୦୯ରେ ରୁଷିଆର ୟାକଟେରିନବର୍ଗ ଠାରେ ହୋଇଥିଲା । ୨୦୦୯ରେ ବ୍ରିକ ଭାବେ ବ୍ରାଜିଲ, ରୁଷିଆ, ଭାରତ ଏବଂ ଚୀନ ଏହି ଚାରିଗୋଟି ଦେଶ ପ୍ରତିଷ୍ଠାତା ସଦସ୍ୟରାଷ୍ଟ୍ର ଭାବେ ସଂଗଠନକୁ ଆରମ୍ଭ କରିଥିଲେ । ଦ୍ୱିତୀୟ ବୈଠକ ୨୦୧୦ରେ ନିଉୟର୍କଠାରେ ବିଦେଶମନ୍ତ୍ରୀ ମାନଙ୍କର ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ସଂଗଠନରେ ସାମିଲ ହେବ ବୋଲି କୁହାଯାଉଥିଲେ ମଧ୍ୟ ୨୦୧୧ରେ ସାନୟାଠାରେ ଅନୁଷ୍ଠିତ ତୃତୀୟ ବ୍ରିକ୍ସ ବୈଠକରେ ଦକ୍ଷିଣ ଆଫ୍ରିକା ଯୋଗ ଦେବା ପରେ ଏହାର ନାମ ବ୍ରିକ୍ସ ହୋଇଥିଲା । ଜାନୁଆରୀ ୨୦୨୪ରୁ ପୂର୍ଣ୍ଣ ସଦସ୍ୟ ଭାବେ ଇଜିପଟ, ଇଥିଓପିଆ, ଇରାନ, ସାଉଦି ଆରବ ଏବଂ ୟୁଏଇକୁ ଗ୍ରହଣ କରାଯାଇଥିଲା। ୨୦୨୫ରେ ବେଲାରୁଷ, ବଲିଭିଆ, କ୍ୟୁବା, କାଜାଖସ୍ଥାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜ୍‌ବେକିସ୍ଥାନ ଏବଂ ଭିଏତନାମ ଅଂଶୀଦାର ସଦସ୍ୟ ରାଷ୍ଟ୍ର ଭାବେ ଯୋଗ ଦେଇଥିଲେ ।

ଚଳିତବର୍ଷ ବ୍ରିକ୍ସର ସଦସ୍ୟ ରାଷ୍ଟ୍ରମାନଙ୍କର ମନ୍ତ୍ରୀ, ସାଂସଦ, ଏଜେନ୍ସୀଗୁଡିକର ମୁଖ୍ୟ, ଅଫିସର, ବିଶେଷଜ୍ଞ, ବ୍ୟବସାୟୀ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରାୟ ୪୦୦ଟି ଭିନ୍ନ ଭିନ୍ନ ସଭା ଭାରତର ୩୦ଟି ପ୍ରମୁଖ ସହରରେ ବର୍ଷର ଅଲଗା ଅଲଗା ସମୟରେ ଆୟୋଜିତ ହୋଇଥିଲା । ଆଗାମୀ ଦିନରେ ବିକାଶଶୀଳ ଏବଂ କମ୍ ବିକଶିତ ରାଷ୍ଟ୍ରମାନଙ୍କୁ ଦକ୍ଷିଣ ଆମେରିକା, ଆଫ୍ରିକା ଏବଂ ଏସିଆ ମହାଦେଶରୁ ପ୍ରତିନିଧିତ୍ୱ କରିବା ପାଇଁ ଏବଂ ବିଶ୍ୱର ନିଷ୍ପତ୍ତିରେ ଅଂଶୀଦାର ହେବା ପାଇଁ ସୁଯୋଗ ଦିଆଯିବାକୁ ବ୍ରିକ୍ସ ପକ୍ଷରୁ ମତପ୍ରକାଶ ପାଇଥିଲା । ଜାତିସଂଘର ପୁନର୍ଗଠନ, ଅଧିକ ସଦସ୍ୟ ରାଷ୍ଟ୍ରକୁ ସୁଯୋଗ, ଭାରତକୁ ସ୍ଥାୟୀ ସଦସ୍ୟ ଭାବେ ସୁରକ୍ଷା ପରିଷଦରେ ଗ୍ରହଣ ଓ ଭିଟୋ ଅଧିକାର ପ୍ରଦାନ ପାଇଁ ସମସ୍ତେ ସମର୍ଥନ କରିଥିଲେ । ଜାତିସଂଘର ସେକ୍ରେଟାରୀ ଜେନେରାଲ ଭାବେ ଏ ପର୍ଯ୍ୟନ୍ତ କୌଣସି ମହିଳାଙ୍କୁ ସୁଯୋଗ ମିଳିନାହିଁ । ଲାଟିନ ଆମେରିକା ଏବଂ କାରବିୟାନ ରାଷ୍ଟ୍ରରୁ ଜଣେ ମାତ୍ର ଏବଂ ଆଫ୍ରିକା ଓ ଏସିଆରୁ ଜଣେ ଲେଖାଁଏ ଏପର୍ଯ୍ୟନ୍ତ ଏହି ପଦବୀର ଅଧିକାରୀ ହୋଇଛନ୍ତି । ଆଫ୍ରିକୀୟମାନଙ୍କୁ ସଂପୂର୍ଣ୍ଣ ଭାବେ କ୍ରୀତଦାସତ୍ୱରୁ ମୁକ୍ତ କରିବା ସହ ସେଠାରେ ଉପନିବେଶବାଦ ହଟାଇବାକୁ ଦାବି କରାଯାଇଥିଲା । ୨୦୨୩ରେ ଜୋହାନ୍ସବର୍ଗ ଠାରେ ନେତୃବୃନ୍ଦଙ୍କ ଘୋଷଣାନାମରେ ଜାତିସଂଘ ସୁରକ୍ଷା ପରିଷଦର ବିସ୍ତାର କରିବା ପାଇଁ ମତ ପ୍ରକାଶ ପାଇଥିଲା । ଦକ୍ଷିଣ ବିଶ୍ୱକୁ ଜାତିସଂଘ ସଂଗଠନରେ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦେବାକୁ ସଦସ୍ୟରାଷ୍ଟ୍ରଗୁଡିକଏକମତ ହୋଇଥିଲେ । ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ସୁଦ୍ଧା ପୂରଣ ପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ର କାର୍ଯ୍ୟ କରୁଥିବା କଥା ପ୍ରକାଶ ପାଇଥିଲା । ଯାହା ଫଳରେ ଭୋକମୁକ୍ତ ବିଶ୍ୱ, ବିକଶିତ ବିଶ୍ୱ ଗଠନ କରାଯାଇପାରିବ । ଇଣ୍ଡୋନେସିଆର ବାନ୍ଦୁଙ୍ଗଠାରେ ୧୯୫୫ରେ ଆୟୋଜିତ ଏସିଆ- ଆଫ୍ରିକା ସମ୍ମିଳନୀରେ ଯେଉଁ ସ୍ୱାଧୀନତା, ସମାନତା, ହସ୍ତକ୍ଷେପବିହୀନତା, ପାରସ୍ପରିକ ଲାଭ ଉପରେ ଜୋର ଦେବାକୁ ଯାହା କୁହାଯାଇଥିଲା ତାହା ପାଳନ କରାଯିବାକୁ କୁହାଯାଇଛି । ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କରେ ସ୍ୱଚ୍ଛତା, ଯୋଗ୍ୟତା ଆଧାରିତ ପ୍ରତିନିଧିତ୍ୱ, ଉନ୍ନତ ପରିଚାଳନା ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା । ବ୍ରିକ୍ସର ଘୋଷଣାନାମାରେ ବିଶ୍ୱବାଣିଜ୍ୟ ସଂଗଠନରେ ପ୍ରତିନିଧିତ୍ୱ ବୃଦ୍ଧି, ବାଣିଜ୍ୟରେ ପ୍ରତିବନ୍ଧକ ଦୂରୀକରଣ ଏବଂ କ୍ରମବର୍ଦ୍ଧିଷ୍ଣୁ ବଜାର, ବିକାଶଶୀଳ ଅର୍ଥନୀତିକୁ ଜୋର ଦେବାପାଇଁ କୁହାଯାଇଛି । ଆର୍ଥିକ କଟକଣା ଲଗାଯିବା ଅଭ୍ୟାସକୁ ବିରୋଧ କରାଯିବାକୁ କୁହାଯାଇଛ ।

ଏହି ଘୋଷଣାନାମାରେ ସୁରକ୍ଷା ପାଇଁ ପାରସ୍ପରିକ ସହଯୋଗ ଏବଂ ଅସ୍ତ୍ରଯୋଗାଣ ବୃଦ୍ଧି ନୀତି ଯୋଗୁ ଆଗାମୀ ଦିନରେ ଆମେରିକା ଏବଂ ପଶ୍ଚିମବିଶ୍ୱର ବିକଶିତ ରାଷ୍ଟ୍ରଗୁଡିକର ଅର୍ଥନୀତି ପ୍ରଭାବିତ ହେବ ଏଥିରେ ସନ୍ଦେହ ନାହିଁ । ନାଟୋ ମେଣ୍ଟ ଏବଂ ରୁଷିଆ ମଧ୍ୟରେ ଯୋଗାଣଗତ ଦୂରତା ଯେତେ ବଢିବା ଆଗାମୀ ଦିନମାନଙ୍କର ସେତେ ଅସ୍ଥିରତା ସୃଷ୍ଟି ହେବ । ଦୁଇ ବୃହତଶକ୍ତି ଚୀନ ଓ ଭାରତ ଏବେ ରୁଷିଆ ସହ ରହିବା ଯୋଗୁ ଆମେରିକାର ଅର୍ଥନୀତି ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ । ତେଣୁ ଟ୍ରମ୍ପ ଟାରିଫ ଭୟ ଦେଖାଉଛନ୍ତି । ଏଣେ ଇରାନକୁ ବ୍ରିକ୍ସର ସମର୍ଥନ ମିଳିବା ଯୋଗୁ ସେ ଆମେରିକାର ସହଯୋଗୀ ଆରବ ରାଷ୍ଟ୍ରଗୁଡିକରେ ଅଧିକ କ୍ଷତି ଘଟାଇବ । ଅସ୍ତ୍ରଭଣ୍ଡାର ବଢାଇବା ଏବଂ ପ୍ରକୃତ ଯୁଦ୍ଧଭୂମିରେ ତା'ର ପ୍ରୟୋଗ ଯୋଗୁ ସଫଳତା ଲାଭ କରିବା ଦୁଇଟି ଭିନ୍ନ ବିଷୟ । ଆମେରିକା-ସାଉଦି ଆରବ ସଂପର୍କ ବୃଦ୍ଧି ଆଗାମୀ ଦିନରେ ଆରବ ଜଗତର ଅଧିକ କ୍ଷତି କରିବ । ଏଣେ ସ୍ଥାନୀୟ ମୁଦ୍ରାରେ ବ୍ରିକ୍ସ ରାଷ୍ଟ୍ରଗୁଡିକର ବ୍ୟବସାୟ ପାଶ୍ଚାତ୍ୟ ବିଶ୍ୱର ଡଲାର-ପାଉଣ୍ଡ ଗୁରୁତ୍ୱକୁ ହ୍ରାସ କରାଇବ । ସେହି ଲକ୍ଷ୍ୟରେ ଭାରତ ବହୁ ରାଷ୍ଟ୍ର ସହ ମୁକ୍ତ ବାଣିଜ୍ୟ ବୁଝାମଣା କରି ଅନେକ ବିକଳ୍ପମାର୍ଗ ଖୋଲିବାରେ ଲାଗିଛି । ଅନ୍ୟମାନେ ମଧ୍ୟ ସେହି ମାର୍ଗରେ ରହିଛନ୍ତି ।

ଭାରତ ବ୍ରିକ୍ସରେ ଯୋଗଦେବା ପାଇଁ ଦୁଇ ପଡୋଶୀ ରାଷ୍ଟ୍ର ପାକିସ୍ଥାନ ଓ ବଙ୍ଗଳାଦେଶକୁ ନିମନ୍ତ୍ରଣ ନଦେଇ ଠିକ୍ କରିଥିଲା । ସନ୍ତ୍ରାସବାଦ ବିରୋଧୀ ବିଷୟଟିକୁ ଘୋଷଣାପତ୍ର ମାଧ୍ୟମରେ ସାମିଲ କରିବା ଏଥିପାଇଁ ସହଜ ହୋଇଛି । ଏହି ଦୁଇରାଷ୍ଟ୍ର ଏବେ ଇସଲାମିକ ଜଗତରେ ସନ୍ତ୍ରାସବାଦୀଙ୍କ ପାଇଁ କାରଖାନା ଖୋଲିଛନ୍ତି । ଦେଶର ସରକାରଙ୍କ ନିରବ ସମର୍ଥନ ପାଇବା ଯୋଗୁ ସେମାନେ ନିଜର କାୟା ବାହାରେ ବିସ୍ତାର କରିବାକୁ ସୁଯୋଗ ପାଉଛନ୍ତି । କୂଟନୀତିକ ଦୃଷ୍ଟିରୁ ଦେଖିଲେ ଭାରତ ସବୁ ସଦସ୍ୟରାଷ୍ଟ୍ରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ସହମତି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା । ଭାରତ ବ୍ରିକ୍ସ ସଦସ୍ୟରାଷ୍ଟ୍ରଙ୍କ ସହ ୨୦୨୦-୨୧ରେ ୨୦୩ ବିଲିଅନ ଡଲାରର ବ୍ୟବସାୟ କରିଥିଲା ବେଳେ ୨୦୨୫-୨୦୨୬ରେ ତାହା ୪୧୭ବିଲିଅନ ଡଲାରକୁ ଛୁଇଁଛି । ଭାରତ ଏହାକୁ ଆଦାମୀ ଦିନରେ ଢେର ଆଗକୁ ନେବ । ବିକାଶ, ବାଣିଜ୍ୟ, ଟେକ୍ନୋଲୋଜୀ ଉପରେ ଅଧିକ ଗୁରୁତ୍ୱାରୋପ କରି ଭାରତ ଏହି ସମ୍ମିଳନୀକୁ ସଫଳତା ଦିଗରେ ନେବାକୁ ସକ୍ଷମ ହୋଇପାରିଲା ଯେଉଁଥିପାଇଁ ପଶ୍ଚିମବିଶ୍ୱର ଏବେ ଚିନ୍ତା ବଢିଯାଇଛି । ଏକଦା ବ୍ରିକ୍ସକୁ ଗୁରୁତ୍ୱ ନ ଦେବାକୁ କହୁଥିବା ଲୋକେ ଏବେ ବ୍ରିକ୍ସର ସୁଦୃଢତା ଲକ୍ଷ୍ୟ କରି ଚିନ୍ତାରେ ପଡିଛନ୍ତି ।

**ଭାରତୀୟ ସମ୍ବାଦ ସେବା**
**(ଭାସ୍)**
**ଭୁବନେଶ୍ୱର-୭୫୧୦୦୩**

# ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ !

**ଅସିତ ମହାନ୍ତି**

'ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ' ଇରାନ ବିରୁଦ୍ଧରେ ସିଧାସଳଖ ସାମରିକ ଆକ୍ରମଣ କିମ୍ବା କ୍ଷେପଣାସ୍ତ୍ର ବ୍ୟବହାର କରିବା ପରିବର୍ତ୍ତେ ଆର୍ଥିକ କଟକଣାକୁ ଅସ୍ତ୍ର କରିବାର ଆମେରିକାର ନୀତିକୁ ପ୍ରତୀକ କରେ। ଏହି ପଦକ୍ଷେପ କେବଳ ଇରାନ ସରକାର କିମ୍ବା ଏହାର ସାମରିକ ବାହିନୀକୁ ଟାର୍ଗେଟ କରେ ନାହିଁ, ବରଂ ସାଧାରଣ ଲୋକଙ୍କ ଜୀବନକୁ ମଧ୍ୟ ପ୍ରଭାବିତ କରେ। ଡଲାରର ପ୍ରାଧାନ୍ୟ ଦ୍ୱାରା, ଆମେରିକା ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ଇରାନବାସୀଙ୍କୁ କାଟି ଦେବାକୁ ଚେଷ୍ଟା କରିଛି - କୌଣସି ଟଙ୍କା ଭିତରକୁ ପ୍ରବାହିତ ହୋଇପାରିବ ନାହିଁ କିମ୍ବା ବାହାରକୁ ଯାଇପାରିବ ନାହିଁ। ଏହି ଆର୍ଥିକ ଅବରୋଧ ମୂଳତଃ ଏକ ଅଦୃଶ୍ୟ ଯୁଦ୍ଧ, ଯେଉଁଠାରେ ବୋମା ଏବଂ ଗୁଳି ବଦଳରେ ବ୍ୟାଙ୍କିଂ ବ୍ୟବସ୍ଥା, କାରବାର ଏବଂ ମୁଦ୍ରା ବ୍ୟବହାର କରାଯାଏ।

ଆମେରିକ ଟ୍ରେଜେରୀ 'ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ' ଅଧୀନରେ ଏହି ପଦକ୍ଷେପ ନେଇଛି। ଯଦିଓ ଆମେରିକା ସିଧାସଳଖ ଅନ୍ୟ ଦେଶର ଆକାଶପଥ ବନ୍ଦ କରିପାରିବ ନାହିଁ, ଏହି ନିଷେଧକୁ କାର୍ଯ୍ୟକାରୀ କରିବା ପାଇଁ ଏହା ଏକ ଅତ୍ୟନ୍ତ କଠୋର ଆର୍ଥିକ ଆଭିମୁଖ୍ୟ ବାଛିଛି। ଏହାର ମୁଖ୍ୟ ବିନ୍ଦୁଗୁଡ଼ିକ ନିମ୍ନଲିଖିତ: ସେବା ଉପରେ ସମ୍ପୂର୍ଣ୍ଣ ନିଷେଧ: ଆମେରିକା ଚେତାବନୀ ଦେଇଛି ଯେ ଯଦି କୌଣସି ଇରାନୀ ବିମାନ କୌଣସି ବିଦେଶୀ ବିମାନବନ୍ଦରରେ ଅବତରଣ କରେ, ତେବେ ତାକୁ ଇନ୍ଧନ, ଭୂମି ପରିଚାଳନା, ମରାମତି କିମ୍ବା ଟିକେଟ୍ ବିକ୍ରୟ ଭଳି କୌଣସି ସୁବିଧା ଯୋଗାଇ ଦିଆଯିବ ନାହିଁ। ଦ୍ୱିତୀୟ କଟକଣାର ଭୟ: ଆମେରିକା ସ୍ପଷ୍ଟ ଭାବରେ କହିଛି ଯେ ଏହି ଇରାନୀ ବିମାନଗୁଡ଼ିକୁ ସାହାଯ୍ୟ କରୁଥିବା ଯେକୌଣସି ବିଦେଶୀ କମ୍ପାନୀ କିମ୍ବା ଦେଶ ଆମେରିକୀୟ ଡଲାର ଏବଂ ଆମେରିକୀୟ ଆର୍ଥିକ ବ୍ୟବସ୍ଥାରୁ ସମ୍ପୂର୍ଣ୍ଣ ଭାବରେ ବାହାର ହୋଇଯିବ। ଆମେରିକୀୟ ବ୍ୟାଙ୍କିଂ ବ୍ୟବସ୍ଥାର କ୍ଷତି ହେବାର ଭୟରେ, ବିଶ୍ୱର ଅଧିକାଂଶ ଦେଶ ଏବଂ ବିମାନବନ୍ଦର ସ୍ୱେଚ୍ଛାକୃତ ଭାବରେ ଇରାନୀ ବିମାନ ଉଡ଼ାଣକୁ ଅନୁମତି ଦେବାରୁ ଓହରି ଯାଉଛନ୍ତି। ୨୭ଟି ଏୟାରଲାଇନ୍ସ ଉପରେ କାର୍ଯ୍ୟାନୁଷ୍ଠାନ: ପୂର୍ବରୁ ସେପ୍ଟେମ୍ବର ୮ ତାରିଖରେ, ଆମେରିକା ଇରାନୀ ଏୟାର, ମହାନ ଏୟାର, କେଶମ ଏୟାର ଏବଂ ଇରାନୀ ଆସେମାନ ସମେତ ସମସ୍ତ ୨୭ଟି ପ୍ରମୁଖ ଇରାନୀ ବିମାନ ସେବାକୁ ନିଷିଦ୍ଧ ତାଲିକାରେ ରଖିଥିଲା।

ଏହି ଘୋଷଣା ପରେ ତୁରନ୍ତ ଇରାନୀ ବିମାନ ଉଡ଼ାଣ ଉପରେ ଇରାନୀ ବିମାନ ଉଡ଼ାଣ ଉପରେ ନିଷିଦ୍ଧ ପ୍ରକ୍ରିୟା ଆରମ୍ଭ କରିଛି। ତଥାପି, ଇରାନର ବେସାମରିକ ବିମାନ ଚଳାଚଳ ସଂଗଠନ କହିଛି ଯେ ଏହା ପରିସ୍ଥିତି ଉପରେ ନଜର ରଖିଛି ଏବଂ ସରକାରୀ ସୂଚନା ନପାଇବା ପର୍ଯ୍ୟନ୍ତ ଏହାର ଉଡ଼ାଣ ଜାରି ରଖିବ, କିନ୍ତୁ ଏହି ନିଷେଧ ଆନ୍ତର୍ଜାତୀୟ ଉଡ଼ାଣକୁ ପ୍ରାୟ ଅସମ୍ଭବ କରିଦେବ।

ଆମେରିକୀୟ ସାମ୍ରାଜ୍ୟବାଦର ଉଦ୍ଦେଶ୍ୟ ଏଠାରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ। ଏହା ପ୍ରଦର୍ଶନ କରିବାକୁ ଚାହୁଁଛି ଯେ ଏହାର ମୁଦ୍ରା ଏବଂ ଏହାର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ବିଶ୍ୱର ମୂଳଦୁଆ। ଯଦି କୌଣସି ଦେଶ ଏହାର ନିର୍ଦ୍ଦେଶ ପାଳନ କରେ ନାହିଁ, ତେବେ ଏହାକୁ ଆର୍ଥିକ ଭାବରେ ବାସନ୍ଦ କରାଯିବ। ଏହା କେବଳ ଇରାନକୁ ଦମନ କରିବା ପାଇଁ ଏକ ପ୍ରୟାସ ନୁହେଁ, ବରଂ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ପଠାଇବା ପାଇଁ ମଧ୍ୟ ଯେ କୌଣସି ସ୍ୱାଧୀନ ଅର୍ଥନୈତିକ ବ୍ୟବସ୍ଥା ଆମେରିକାର ଅନୁମୋଦନ ବିନା ବଞ୍ଚିପାରିବ ନାହିଁ। ଡଲାରକୁ ଅସ୍ତ୍ର କରି, ଆମେରିକା ପ୍ରମାଣ କରିବାକୁ ଚାହୁଁଛି ଯେ ଏହାର ଶକ୍ତି କେବଳ ସାମରିକ ନୁହେଁ ବରଂ ଆର୍ଥିକ ମଧ୍ୟ, ଏବଂ ଏହି ଶକ୍ତି ବହୁତ ସ୍ଥାୟୀ ଏବଂ ବ୍ୟାପକ।

କିନ୍ତୁ ଏହି ପଦକ୍ଷେପର ଅନ୍ୟ ଦିଗଟି ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ରୁଷ ଏବଂ ଚୀନ୍ ଏହି ନୀତିକୁ ଗ୍ରହଣ କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି, ଏହାକୁ ଅନ୍ତର୍ଜାତୀୟ ଆଇନ ଏବଂ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହିଛନ୍ତି। ରୁଷ ଏବଂ ଚୀନ୍ ଦ୍ୱାରା ଏହି ବିରୋଧ କେବଳ ଇରାନକୁ ସମର୍ଥନ କରିବା ପାଇଁ ନୁହେଁ, ବରଂ ଆମେରିକାର ଅର୍ଥନୈତିକ ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବାର ଏକ ପ୍ରୟାସ। ସେମାନେ ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ଯେ ବିଶ୍ୱ ଆଉ ଗୋଟିଏ ଅକ୍ଷରେ କାର୍ଯ୍ୟ କରେ ନାହିଁ, ଏବଂ ଡଲାରର କବଜା ଭାଙ୍ଗିବା ପାଇଁ ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରାଯିବ। ଏହି କାରଣରୁ ରୁଷ ଏବଂ ଚୀନ୍ ସେମାନଙ୍କର ଆର୍ଥିକ ନେଟୱାର୍କ ଏବଂ ବିକଳ୍ପ ବାଣିଜ୍ୟ ବ୍ୟବସ୍ଥାକୁ ମଜବୁତ କରୁଛନ୍ତି।

ଏହି ସମଗ୍ର ପରିସ୍ଥିତିରେ, ଆମେରିକା ସାମ୍ରାଜ୍ୟବାଦର ପ୍ରକୃତ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଏ - ଏହା କେବଳ ଇରାନକୁ ଦମନ କରିବାକୁ ଚାହୁଁନାହିଁ, ବରଂ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ପଠାଇବାକୁ ଚାହୁଁଛି ଯେ ଏହାର ନୀତିଗୁଡ଼ିକୁ ବିରୋଧ କରୁଥିବା ଯେକୌଣସି ଦେଶକୁ ଆର୍ଥିକ ଭାବରେ ବାସନ୍ଦ କରାଯିବ। ଏହା ଭୟ ଏବଂ ନିୟନ୍ତ୍ରଣର ଏକ ଯନ୍ତ୍ରପାତି। କିନ୍ତୁ ଇତିହାସ ଆମକୁ କହିଛି ଯେ ଯେତେବେଳେ କୌଣସି ଶକ୍ତି ଅତ୍ୟଧିକ ଶକ୍ତି ସହିତ ନିଜର ପ୍ରଭୁତ୍ୱ ସ୍ଥାପିତ କରିବାକୁ ଚେଷ୍ଟା କରେ, ସେତେବେଳେ ତା' ବିରୁଦ୍ଧରେ ପ୍ରତିରୋଧ ସମାନ ଭାବରେ ଶକ୍ତିଶାଳୀ ହୋଇଥାଏ। ତେଣୁ, ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ ଆମେରିକାର ସାମ୍ରାଜ୍ୟବାଦୀ ମାନସିକତାର ପ୍ରତୀକ। ଏହି ପଦକ୍ଷେପ କ୍ଷଣିକ ସମୟରେ ଇରାନବାସୀଙ୍କ ପାଇଁ ଦୁଃଖର କାରଣ ହୋଇପାରେ, କିନ୍ତୁ ଦୀର୍ଘକାଳୀନ ସମୟରେ, ଏହା ଆମେରିକା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ରୁଷ ଏବଂ ଚୀନର ବିରୋଧ ସଙ୍କେତ ଦିଏ ଯେ ବିଶ୍ୱ ବହୁଧ୍ରୁବୀୟ ହେଉଛି ଏବଂ ଆର୍ଥିକ ପ୍ରଭୁତ୍ୱର ଏକଧ୍ରୁବୀୟ ବ୍ୟବସ୍ଥା ଭାଙ୍ଗି ପଡୁଛି।

ଯେତେବେଳେ ଆମେରିକା ଇରାନ ଉପରେ ଆର୍ଥିକ କଟକଣା ଲାଗୁ କରେ ଏବଂ ଏହାକୁ ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିବାକୁ ଚେଷ୍ଟା କରେ, ଏହାର ପ୍ରକୃତ ବାର୍ତ୍ତା ହେଉଛି ଇରାନକୁ ପ୍ରଦର୍ଶନ କରିବା ଯେ ଯଦିଓ ଏହା ସାମରିକ ଭାବରେ ହାରିଯାଇଛି, ତଥାପି ଏହା ସବୁଠାରୁ ଶକ୍ତିଶାଳୀ ଆର୍ଥିକ ପ୍ରଭାବ ବହନ କରେ। ଏହା ପ୍ରତିଶୋଧର ଏକ ପ୍ରକାର - ଯେଉଁଠାରେ ବୋମା ଏବଂ କ୍ଷେପଣାସ୍ତ୍ର ବଦଳରେ ଡଲାର ଏବଂ ବ୍ୟାଙ୍କିଂ ବ୍ୟବସ୍ଥାକୁ ଅସ୍ତ୍ର କରାଯାଇଛି। ଆମେରିକା ପ୍ରଦର୍ଶନ କରିବାକୁ ଚାହୁଁଛି ଯେ ଏହାର ମୁଦ୍ରା ହେଉଛି ବିଶ୍ୱର ମୂଳଦୁଆ, ଏବଂ ଯେଉଁ ଦେଶ ଏହାର ନିର୍ଦ୍ଦେଶ ପାଳନ କରେ ନାହିଁ, ସେ ଆର୍ଥିକ ଦୃଷ୍ଟିରୁ ଦୂରେଇ ଦିଆଯିବ।

ଇରାନ ଲୋକଙ୍କ ଉପରେ ଏପରି ଚାପ ପ୍ରୟୋଗ କରି, ଆମେରିକା ଏହି ବାର୍ତ୍ତା ଦେବାକୁ ଚାହୁଁଛି ଯେ ଯଦି ସେମାନେ ସେମାନଙ୍କ ନେତୃତ୍ୱ ସହିତ ଠିଆ ହୋଇ ରୁହନ୍ତି, ତେବେ ସେମାନେ କ୍ଷୁଧା, ବେକାରୀ ଏବଂ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବେ। ଏହା ଏକ ପ୍ରକାର ମନସ୍ତାତ୍ତ୍ୱିକ ଯୁଦ୍ଧ, ଯାହାର ଲକ୍ଷ୍ୟ ସେମାନଙ୍କ ନିଜ ନେତୃତ୍ୱ ପ୍ରତି ଅସନ୍ତୋଷ ସୃଷ୍ଟି କରିବା ଏବଂ ବ୍ୟବସ୍ଥାକୁ ଭିତରରୁ ଭୁଶୁଡ଼ି ପକାଇବା। ତଥାପି, ଇତିହାସ ଏହା ମଧ୍ୟ ଦର୍ଶାଏ ଯେ ଯେତେବେଳେ କୌଣସି ଦେଶର ଲୋକଙ୍କ ଉପରେ ବାହ୍ୟ ଚାପ ପ୍ରୟୋଗ କରାଯାଏ, ସେମାନେ ଅଧିକ ଏକ ହୋଇଯାଆନ୍ତି।

ରୁଷ ଏବଂ ଚୀନ୍ ଏହି ପଦକ୍ଷେପକୁ ଗ୍ରହଣ କରିବାକୁ ସ୍ପଷ୍ଟ ଭାବରେ ମନା କରିଛନ୍ତି। ସେମାନଙ୍କର ବିରୋଧ କେବଳ ଇରାନକୁ ସମର୍ଥନ କରିବା ପାଇଁ ନୁହେଁ, ବରଂ ଆମେରିକାର ଅର୍ଥନୈତିକ ସାମ୍ରାଜ୍ୟବାଦୀ ମାନସିକତାକୁ ଚ୍ୟାଲେଞ୍ଜ କରିବାର ପ୍ରୟାସ ମଧ୍ୟ। ସେମାନେ ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି ଯେ ବିଶ୍ୱ ଆଉ ଗୋଟିଏ ଅକ୍ଷରେ କାର୍ଯ୍ୟ କରିବ ନାହିଁ ଏବଂ ଡଲାରର ଆଧିପତ୍ୟ ଭାଙ୍ଗିବା ପାଇଁ ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରାଯିବ। ଏହି କାରଣରୁ ରୁଷ ଏବଂ ଚୀନ୍ ସେମାନଙ୍କର ଆର୍ଥିକ ନେଟୱାର୍କ ଏବଂ ବିକଳ୍ପ ବାଣିଜ୍ୟ ବ୍ୟବସ୍ଥାକୁ ମଜବୁତ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ, ଏହା ପ୍ରଶ୍ନ ହେବା ସ୍ୱାଭାବିକ ଯେ ବିଶ୍ୱ ଏକତ୍ରିତ ହୋଇ ଏପରି ପଦକ୍ଷେପକୁ ବିରୋଧ କରିବା ଉଚିତ୍ ନୁହେଁ କି ? ଆଜି ଏହା ଇରାନ, କାଲି ଏହା ଅନ୍ୟ ଏକ ଦେଶ ହୋଇପାରେ। ଯଦି କୌଣସି ଦେଶକୁ ଆର୍ଥିକ ଭାବରେ ଦୂରେଇ ଦେବାର ନୀତି ସଫଳ ହୁଏ, ତେବେ ଏହା ଏକ ଉଦାହରଣ ସୃଷ୍ଟି କରିବ ଏବଂ ଭବିଷ୍ୟତରେ ଯେକୌଣସି ସ୍ୱାଧୀନ ରାଷ୍ଟ୍ରକୁ ଦମନ କରିବା ପାଇଁ ବ୍ୟବହାର କରାଯାଇପାରିବ। ଏହି କାରଣରୁ ବିଶ୍ୱ ଏକତା ଆବଶ୍ୟକ - ଆର୍ଥିକ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ଏକ ଦେଶର ସାର୍ବଭୌମତ୍ୱକୁ ଚୂର୍ଣ୍ଣ କରିବାର ପ୍ରୟାସକୁ ରୋକିବା ପାଇଁ।

ଆମେରିକାର ଏହି ପଦକ୍ଷେପ ଏହାର ସାମ୍ରାଜ୍ୟବାଦୀ ମାନସିକତାର ପ୍ରତୀକ। ଏହା ପ୍ରଦର୍ଶନ କରିବାକୁ ଚାହୁଁଛି ଯେ ଏହାର ଶକ୍ତି କେବଳ ସାମରିକ ନୁହେଁ ବରଂ ଆର୍ଥିକ ମଧ୍ୟ। କିନ୍ତୁ ଏହି ଶକ୍ତିର ଅତ୍ୟଧିକ ବ୍ୟବହାର ଶେଷରେ ନିଜ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରେ। ବିଶ୍ୱ ବହୁଧ୍ରୁବୀୟ ହେବା ଏବଂ ନୂତନ ମେଣ୍ଟ ଗଠନ ହେବା ସହିତ, ଆମେରିକାର ଏହି ଚାପ ଏହାକୁ ଧୀରେ ଧୀରେ ଅଲଗା କରିପାରେ। ତେଣୁ ଏହା କୁହାଯାଇପାରେ ଯେ ଆମେରିକାର ବାର୍ତ୍ତା କେବଳ ଇରାନ ପାଇଁ ଏକ ଚେତାବନୀ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏକ ସଙ୍କେତ। ଏହା ସଙ୍କେତ ଦିଏ ଯେ ଯଦି କୌଣସି ରାଷ୍ଟ୍ର ଏକ ସ୍ୱାଧୀନ ପଥ ବାଛିଥାଏ, ତେବେ ଏହାକୁ ଆର୍ଥିକ ଭାବରେ ବାସନ୍ଦ କରାଯାଇପାରିବ। ଏବଂ ଏହିଠାରେ ବିଶ୍ୱ ଏକତା ସବୁଠାରୁ ଅଧିକ ଆବଶ୍ୟକ - କାରଣ ଆଜି ଏହା ଇରାନ, କାଲି ଏହା ଅନ୍ୟ ଏକ ଦେଶ ହୋଇପାରେ।

**ସୁଜନପୁର, ଯାଜପୁର**
**ମୋ- ୯୪୩୭୨୮୮୦୨୮**






### ବୀରଗୋବିନ୍ଦପୁରରେ ସମୀରଙ୍କ ଗୁପ୍ତ ବୈଠକ

## ଯୋଗଦେଲେ ଶହେ ଯୁବକ

**ପୁରୀ,୫।୧୦(ପ୍ରବାହ ନ୍ୟୁଜ) :** ରାଜ୍ୟରେ ନିମାପଡା ରାଜନୀତି ଏବେ ପଡୁଛି ଉଠୁଛି ।ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ବୀରଗୋବିନ୍ଦପୁର ଦକ୍ଷିଣକାଳୀଙ୍କ ନିକଟରେ ସମୀର ଦାଶଙ୍କ ସହ ଶହେ ଯୁବକ ମାଙ୍କୁ ମୁଣ୍ଡିଆ ମାରି ଏକ ଗୁପ୍ତ ବୈଠକରେ ଯୋଗ ଦେଇଥିଲେ । ବୀରଗୋବିନ୍ଦପୁର ଗ୍ରାମ ପ୍ରବେଶ ପଥରେ ଥିବା ଇଣ୍ଡିଆନ ଅଏଲର କମ୍ୟୁନିଟ ହଲର ଦ୍ୱିତୀୟ ମହଲାରେ ସମୀରଙ୍କ ସହ ଯୁବକମାନେ ଗୁପ୍ତ ବୈଠକରେ ଯୋଗ ଦେଇଥିଲେ । ନିମାପଡାର ସ୍ୱାଭିମାନ ରକ୍ଷା କରିବା, ସମୀରଙ୍କ ୫୦ ବର୍ଷର ରାଜନୈତିକ ଜୀବନକୁ ପାଥେୟ କରି ପ୍ରତି ପଞ୍ଚାୟତ ଓ ବୁଥରୁ ଆସିଥିବା ଯୁବକମାନେ ନିମାପଡା ମାଟିର ଲଢୁଆ ନେତା ସମୀର ଦାଶଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ ପାଇଥିଲା । ଅନ୍ୟପକ୍ଷରେ ସେହି ଦିନ କୋଣାର୍କଠାରେ ପୁରୀଜିଲ୍ଲା ସଭାପତି ବିଜେପିର ଡାକ୍ତର ଦେବେନ୍ଦ୍ର ନାଥ ତରାଇଙ୍କ ନେତୃତ୍ୱରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବିଧାୟକ ଓ କାର୍ଯ୍ୟକାରୀ ସଭ୍ୟମାନେ ଯୋଗ ଦେଇଥିଲେ । ଏହି ବୈଠକରେ ସମୀର ଯୋଗ ଦେଇନଥିଲେ । ସମୀର ସେନା ଏବେ ଫୁଲ ଦମରେ ପ୍ରତି ପଞ୍ଚାୟତ ବୁଥସ୍ତରରେ କାର୍ଯ୍ୟ ଆରମ୍ଭ କରିଛି । ଏହି ଘଟଣାକୁ ନେଇ ଏବେନିମାପଡାର ରାଜନୈତିକ ପରିସ୍ଥିତି ଉଷ୍ମ ହୋଇ ଉଠିଛି ।

## ଉଦେପୁର ତେଲନଦୀ ଖଣ୍ଡିରେ କଂଗ୍ରେସର ନୂଆଁଖାଇ ଭେଟଘାଟ



**ବୌଦ୍ଧ,୫।୧୦(ପ୍ରବାହ ନ୍ୟୁଜ) :** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଣ୍ଟାମାଳ ପଂଚାୟତ ଅନ୍ତର୍ଗତ ଉଦେପୁର ତେଲନଦୀ ଖଣ୍ଡିଠାରେ କଣ୍ଟାମାଳ ବ୍ଲକ କଂଗ୍ରେସ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ପ୍ରଶାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ନୂଆଁଖାଇ ଭେଟ ଘାଟ ସମାବେଶରେ ଦଳୀୟ ନେତା, କର୍ମୀ ଓ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଯୋଗଦେଇ ପରସ୍ପରକୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ।

କାର୍ଯ୍ୟକ୍ରମରେ ନୂଆଁଖାଇ ପର୍ବର ସାମାଜିକ ଓ ଭାଇଚାରାର ପରମ୍ପରାକୁ ନେଇ ଆଲୋଚନା ହୋଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଜନସମସ୍ୟା, ଦୁର୍ନୀତି ଓ ଅନିୟମିତତା ପ୍ରସଙ୍ଗ ଉଠାଇ କଂଗ୍ରେସ ନେତାମାନେ ସରକାର ଓ ପ୍ରଶାସନକୁ ସମାଲୋଚନା କରିଥିଲେ। ଜନସାଧାରଣ ଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକର ସମାଧାନ ଏବଂ ଲୋକଙ୍କ ସମସ୍ୟା ପ୍ରତି ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ନେତାମାନେ ମତ ପ୍ରକାଶ କରିଥିଲେ।

ଶେଷରେ ନୂଆଁଖାଇ ପର୍ବ ସମସ୍ତଙ୍କ ମଧ୍ୟରେ ଏକତା, ଭାଇଚାରା ଓ ସାମାଜିକ ସଦ୍ଭାବ ବଜାୟ ରଖିବାର ବାର୍ତ୍ତା ଦେଉ ବୋଲି ଉପସ୍ଥିତ ନେତା ଓ କର୍ମୀମାନେ କାମନା କରିଥିଲେ କ୍ଷ ଉକ୍ତ କାର୍ଯ୍ୟ କ୍ରମରେ କଣ୍ଟାମାଳ ବ୍ଲକ କଂଗ୍ରେସ ସଭାପତି ହୃଦାନନ୍ଦ କହଁର,ବରିଷ୍ଠ କଂଗ୍ରେସ ନେତା ଉଛେଇ ବାରିକ, କେଶବ ଖେଥି,ମକୁନ୍ଦ ନାଏକ, ସୁଶାନ୍ତ କୁମାର ମଲ୍ଲିକ, ନିବାସ ବାରିକ, ଶୁକ ମଙ୍ଗରାଜ, ନିତ୍ୟାନନ୍ଦ କର୍ମୀ, ଗୋପ ରଣା, ମଦନ ହରିପାଲ, ବ୍ରଜମୋହନ ବାରିକ,ସୋରଜ୍ ସାହୁ ଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ରୋଡ୍ ସେଫ୍ଟି ସଚେତନତା ଅବସରରେ

## ପୋଲିସ ଓ ବିଏସଏଫ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ



**ମାଲକାନଗିରି,,୫।୧୦(ପ୍ରବାହ ନ୍ୟୁଜ) :** ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ରୋଡ୍ ସେଫ୍ଟି ସଚେତନତା କାର୍ଯ୍ୟକ୍ରମ ଅବସରରେ ପୋଲିସ ଓ ବିଏସଏଫ ଯବାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀ ଏବଂ ବିଏସଏଫ ସେକେଣ୍ଡ-ଇନ୍-କମାଣ୍ଡ ଅତୁଲ୍ୟ ଯାଦବଙ୍କ ନେତୃତ୍ୱରେ ଉଭୟ ଦଳ ଏହି ମ୍ୟାଚରେ ଅଂଶଗ୍ରହଣ କରିଥିଲେ। ମ୍ୟାଚ ପୂର୍ବରୁ ଖେଳ ପଡିଆ ପରିସରରେ ସ୍ଥାନୀୟ ଜନସାଧାରଣ ଓ ଯୁବପିଢ଼ିଙ୍କ ମଧ୍ୟରେ ସଡକ ସୁରକ୍ଷା ସମ୍ପର୍କରେ ସଚେତନତା କରାଯାଇଥିଲା। ବିଶେଷକରି ଦ୍ରୁତ ଗତିରେ ଗାଡି ଚାଳନା ନକରିବା, ଟ୍ରାଫିକ ନିୟମ ପାଳନ କରିବା, ଦୁଇଚକିଆ ଯାନ ଚାଳନା ସମୟରେ ହେଲମେଟ ପିନ୍ଧିବା ଏବଂ ନିଜ ସହ ଅନ୍ୟମାନଙ୍କ ଜୀବନ ସୁରକ୍ଷା ପ୍ରତି ସଚେତନ ରହିବାକୁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କ୍ରିକେଟ ମ୍ୟାଚ ମାଧ୍ୟମରେ ପୋଲିସ ଓ ବିଏସଏଫ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟକୁ ଆହୁରି ସୁଦୃଢ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଡକ ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପିତୃ ସମ୍ମିଳନୀ

## ଶିଶୁର ସର୍ବାଙ୍ଗୀନ ବିକାଶରେ ପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବୌଦ୍ଧ,୫।୧୦(ପ୍ରବାହ ନ୍ୟୁଜ) :** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମନାଥ ସାହୁଙ୍କ ଅଧକ୍ଷତାରେ ପିତୃ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ଯୋଗଦେଇ ଶିଶୁର ଚରିତ୍ର ଗଠନ, ଶିକ୍ଷା ଓ ସର୍ବାଙ୍ଗୀନ ବିକାଶରେ ପିତାଙ୍କ କର୍ତ୍ତବ୍ୟ ଏବଂ ଭୂମିକା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ଶିଳ୍ପପତି କରୁଣାକର ସାହୁ, କୋଷାଧକ୍ଷ ଶ୍ୟାମସୁନ୍ଦର ବେହେରା, ସହସମ୍ପାଦକ ଉପେନ୍ଦ୍ର ଭୋଇ ଓ ସଦସ୍ୟା ଲକି ସାହୁ ଉପସ୍ଥିତ ରହି ପିତାମାନଙ୍କ ଶିଶୁ ମାନଙ୍କ ପ୍ରତି ନିଜର କର୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶିଶୁ ଭଉଣୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଶିଶୁ ବାଟିକା ପ୍ରମୁଖ ସାଇବାନୀ ପାତ୍ର ଅଭିଭାବକମାନଙ୍କୁ ନେଇ ଚିତ୍ରାଙ୍କନ କ୍ରିୟାକଳାପ ଆୟୋଜନ କରିଥିଲେ। ଏଥିସହ କୃତୀ ଅଭିଭାବକମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ପରିଚାଳନା ସମିତି, ମାତୃଭାରତୀ ଓ ବିଦ୍ୱତ୍ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ।ବିଦ୍ୟାଳୟର ସମ୍ପାଦକ ଭକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ, ବିକାଶ ସାହୁ, ନେପାଳ ପ୍ରଧାନ, ଶିରୋମଣି ପାତ୍ର, ସୁଜିତ କୁମାର ମାଝୀ, ବନେନ୍ଦୁ ଦଳେଇ, ଜଗତ ରଣା, ଆଚାର୍ଯ୍ୟା ଝରଣା ପ୍ରଧାନ, ବେଦମତୀ କୁଦେଇ, ସେବିକା ସୁରୁସୂତା ଭୋଇ ଓ ବାହନଚାଳକ ରାଜକୁମାର ରଣା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି

**କଳାହାଣ୍ଡି,୫।୧୦(ପ୍ରବାହ ନ୍ୟୁଜ) :** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ଓ ଗୁଣାତ୍ମକ ସମାଧାନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ,ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରଓ୍ୱାଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୧୪୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୨୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୬ଟି ସାମୂହିକ ଅଭିଯୋଗ ରହିଥିଲା। ୧୫ଟି ଅଭିଯୋଗର ତତ୍କାଳ ସମାଧାନ ଘଟଣାସ୍ଥଳରେ କରାଯାଇଥିଲା।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣି; ମୋଟ ୨୭୫ ଅଭିଯୋଗର ହେଲା ଶୁଣାଣି

**ବାରିପଦା,୫।୧୦(ପ୍ରବାହ ନ୍ୟୁଜ) :** ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦାସ, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୭୫ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୩୬ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୩୯ ଗୋଟି ଗ୍ରାମ୍ୟ ସମସ୍ୟା ଆଧାରିତ ଅଭିଯୋଗ ହୋଇଛି । ଏହାସହ ୧୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ୍ ନିର୍ଦ୍ଦେଶ ଦେଇଛନ୍ତି ।





ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

## ସେବା ସଂକଳ୍ପ ଅଭିଯାନରେ ସ୍ୱଚ୍ଛତା ଓ ବୃକ୍ଷରୋପଣ



**କଟକ,୫।୧୦(ପ୍ରବାହ ନ୍ୟୁଜ) :** ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ କଟକ ଓ୍ୱାର୍ଡ ନଂ-୫୭ର ଅଙ୍ଗନଓ୍ୱାଡ଼ି କେନ୍ଦ୍ର-୩ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଟକ ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାପତି ମାମିନା ମହାନ୍ତିଙ୍କ ନେତୃତ୍ୱରେ ମା' ଜାଗୁଲେଇ ମହିଳା ଆରୋଗ୍ୟ ସମିତି ଓ ସର୍ବେଶ୍ୱର ମହିଳା ଆରୋଗ୍ୟ ସମିତିର ସଦସ୍ୟମାନେ ମା' ଜାଗୁଲେଇ ମନ୍ଦିର ସମ୍ମୁଖରେ ସ୍ୱଚ୍ଛ ଭାରତ ଅଭିଯାନ ସହିତ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶା ଦିଦି ଆରତୀ ମହାନ୍ତି, ଅଙ୍ଗନଓ୍ୱାଡ଼ି ସହାୟିକା ଜସୋବନ୍ତୀ ସାହୁ, ମମତା ମଲ୍ଲିକ, ସସ୍ମିତା ମଲ୍ଲିକ, ପ୍ରକାଶ ଲେଙ୍କା, ଦୀପକ ମଲ୍ଲିକ ଓ ଲୋକନାଥ ନାୟକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ।

## ସେବା ସଂକଳ୍ପ ଅଭିଯାନ-୨୦୨୬ ପାଇଁ ପ୍ରସ୍ତୁତି

**ବାରିପଦା,୫।୧୦(ପ୍ରବାହ ନ୍ୟୁଜ) :** 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅବସରରେ ଆସନ୍ତା ଅକ୍ଟୋବର ୭ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ 'ସେବା ଜ୍ୟୋତି ଯାତ୍ରା' ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଭାବେ ପରିଚାଳନା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ, 'ସେବା ଜ୍ୟୋତି ଯାତ୍ରା'ରେ ପଦଯାତ୍ରା ସହ ବାଇକ୍ ରାଲି ଆୟୋଜନ କରାଯିବ । ଏଥିରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ମିଶନ ଶକ୍ତିର ମହିଳାଙ୍କ ସମେତ ପ୍ରାୟ ୧୦ ହଜାର ଅଂଶଗ୍ରହଣକାରୀ ସାମିଲ ହେବେ । ଏହି ଅବସରରେ ଉପସ୍ଥିତ ଅଂଶଗ୍ରହଣକାରୀମାନେ ଭର୍ଚୁଆଲ ମାଧ୍ୟମରେ



ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁବ ସନ୍ଦେଶ ଶୁଣିବେ ।

ଯାତ୍ରାର ସୁଚାରୁ ପରିଚାଳନା ପାଇଁ ଟ୍ରାଫିକ୍ ? ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଯାତାୟାତ ବ୍ୟବସ୍ଥା, ସୁରକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସଫଳ ଭାବେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ୍, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଅଜିତ୍ କୁମାର, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ଚିକିତ୍ସାଧିକାରୀ ବିଶ୍ୱନାଥ ଦାସ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ଼. ଶୁଭାଶିଷ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ମୁନମୁନ ଗିରି, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବାରିପଦା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଡାକ୍ତର ମାନସ ରଞ୍ଜନ ପଣ୍ଡା

**ମାଲକାନଗିରି,୫।୧୦(ପ୍ରବାହ ନ୍ୟୁଜ) :** ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ଡାକ୍ତର ମାନସ ରଞ୍ଜନ ପଣ୍ଡା ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆବିଦ୍ ହୁସେନ୍ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।



ଏହା ପୂର୍ବରୁ ଡାକ୍ତର ପଣ୍ଡା ବ୍ରହ୍ମପୁର ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ସମୟରେ ଡିପିଏମ୍ ମୌସୁମୀ ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନୂତନ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଦାୟିତ୍ୱ ଗ୍ରହଣ କରିବା ପରେ ଡାକ୍ତର ପଣ୍ଡା କହିଛନ୍ତି, ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଲୋକଙ୍କୁ ଗୁଣାତ୍ମକ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆମର ମୁଖ୍ୟ ଲକ୍ଷ୍ୟ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ସୁଦୃଢ଼ୀକରଣ ଏବଂ ସରକାରୀ ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକୁ ସୂଚାରୁରୂପେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆମେ ମିଳିମିଶି ନିଷ୍ଠାର ସହ କାର୍ଯ୍ୟ କରିବୁ।

## ଜଳବାୟୁ ସହନଶୀଳ କୃଷି ଉପରେ ଗୁରୁତ୍ୱ; କୃଷକଙ୍କ ଆୟ ବୃଦ୍ଧି ସହ ଟିକସାଇ କୃଷି ପଦ୍ଧତି ଆପଣାଇବାକୁ ଆହ୍ୱାନ

**ମାଲକାନଗିରି,୫।୧୦(ପ୍ରବାହ ନ୍ୟୁଜ) :** ଜଳବାୟୁ ପରିବର୍ତ୍ତନର ବଢୁଥିବା ପ୍ରଭାବ ମଧ୍ୟରେ କୃଷକଙ୍କ ଜୀବିକା ସୁରକ୍ଷା, କୃଷି ଉତ୍ପାଦନର ସ୍ଥିରତା ଏବଂ ଆୟ ବୃଦ୍ଧି ପାଇଁ ଜଳବାୟୁ ସହନଶୀଳ ଓ ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଇଛି।

ମାଲକାନଗିରି ବ୍ଲକ୍ ?ର ବି.ଏଲ୍.ପୁର ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ କୃଷକ ଓ ଗ୍ରାମବାସୀଙ୍କୁ ନେଇ ଜଳବାୟୁ ପରିବର୍ତ୍ତନ ଏବଂ ଏହାର କୃଷି ଉପରେ ପ୍ରଭାବ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା।




ପ୍ରଧାନମନ୍ତ୍ରୀ ଧନ ଧାନ୍ୟ ଯୋଜନା ଅଧୀନରେ ଟଘଉଚ ସହାୟତାରେ ପଲ୍ଲୀବିକାଶ ପକ୍ଷରୁ ନୂଆପଡ଼ା ଓ ମାଲକାନଗିରି ଜିଲ୍ଲାରେ କୃଷକଙ୍କ ଆୟ ବୃଦ୍ଧି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ରଚଙ ଇକୋସିଷ୍ଟମ୍ ? ମାଧ୍ୟମରେ କୃଷକଙ୍କୁ ସଂଗଠିତ କରିବା, ଆଧୁନିକ ଓ ଟିକସାଇ କୃଷି ପଦ୍ଧତି ସମ୍ପର୍କରେ ସଚେତନ କରିବା, କୃଷି ଖର୍ଚ୍ଚ ହ୍ରାସ କରିବା ଏବଂ ବଜାର ସହ କୃଷକଙ୍କ ସଂଯୋଗ ବୃଦ୍ଧି କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ।

ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ଝମାଲିକେଶ୍ୱରୀ କୃଷକ ଉତ୍ପାଦକ ସଂଗଠନ (ରଚଙ)ଋର ସଦସ୍ୟମାନେ ଗ୍ରାମସଭାରେ ଯୋଗଦେଇ କୃଷକଙ୍କ ସମସ୍ୟା, କୃଷିରେ ଘଟୁଥିବା ପରିବର୍ତ୍ତନ ଓ ଜଳବାୟୁଜନିତ ଆହ୍ୱାନ ସମ୍ପର୍କରେ ମତ ରଖିଥିଲେ।

ଏହି ଅବସରରେ ପଲ୍ଲୀବିକାଶର ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ବୋସୁ ଜଳବାୟୁ ସହନଶୀଳ କୃଷି, ପ୍ରାକୃତିକ କୃଷି ଓ ଟିକସାଇ କୃଷି ପଦ୍ଧତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପରିବେଶରେ ସୀମିତ ନାହିଁ; ଏହା କୃଷି ଉତ୍ପାଦନ, ଖାଦ୍ୟ ନିରାପତ୍ତା ଓ ଗ୍ରାମୀଣ ପରିବାରର ଆୟକୁ ମଧ୍ୟ ପ୍ରଭାବିତ କରୁଛି।

ବିଶେଷକରି ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନେକ କୃଷକ ବର୍ଷାଭିତ୍ତିକ କୃଷି ଉପରେ ନିର୍ଭରଶୀଳ। ଅନିୟମିତ ବର୍ଷା, ଦୀର୍ଘ ଶୁଷ୍କ ସମୟ, ଅତ୍ୟଧିକ ବର୍ଷା, ତାପମାତ୍ରା ପରିବର୍ତ୍ତନ, ଜଳସଙ୍କଟ ଓ ମୃତ୍ତିକା ଉର୍ବରତା ହ୍ରାସ ଭଳି ସମସ୍ୟା କୃଷି ଓ ଜୀବିକାକୁ ପ୍ରଭାବିତ କରୁଛି। ଏପରି ସ୍ଥିତିରେ ସ୍ଥାନୀୟ ପରିସ୍ଥିତି ଅନୁକୂଳ କୃଷି ପଦ୍ଧତି ଗ୍ରହଣ ଜରୁରୀ ବୋଲି ସେ ମତ ଦେଇଥିଲେ।

ପ୍ରାକୃତିକ କୃଷି, ଫସଲ ବିବିଧୀକରଣ, ସମନ୍ୱିତ କୃଷି ପ୍ରଣାଳୀ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବ ଇନପୁଟ୍ ? ବ୍ୟବହାର, ଜଳ ସଂରକ୍ଷଣ ଓ ସ୍ଥାନୀୟ ବିହନ ସଂରକ୍ଷଣ ଭଳି ପଦକ୍ଷେପ କୃଷି ଖର୍ଚ୍ଚ କମାଇବା ସହ ମାଟିର ଉର୍ବରତା ବଜାୟ ରଖିବା ଏବଂ ଜଳବାୟୁଜନିତ ବିପଦର ପ୍ରଭାବ ହ୍ରାସ କରିବାରେ ସହାୟକ ହୋଇପାରେ ବୋଲି ସେ ଉଲ୍ଲେଖ କରିଥିଲେ।

କୃଷକଙ୍କୁ ଏକାଠି କରି ରଚଙକୁ କେବଳ ଉତ୍ପାଦ ବିକ୍ରୟର ମାଧ୍ୟମ ନୁହେଁ, ବରଂ କୃଷି ଜ୍ଞାନ, ଇନପୁଟ୍, ପ୍ରଯୁକ୍ତି, ପ୍ରଶିକ୍ଷଣ, ମୂଲ୍ୟ ସଂଯୋଜନ ଓ ବଜାର ସଂଯୋଗର ଏକ ସୁଦୃଢ଼ ମଞ୍ଚ ଭାବେ ବିକଶିତ କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଗ୍ରାମସଭାରେ କୃଷକ ଓ ଗ୍ରାମବାସୀମାନେ ନିଜ ଅଞ୍ଚଳର କୃଷି ସମସ୍ୟା, ଜଳ ସମ୍ପଦ, ଫସଲ ଚାଷରେ ଘଟୁଥିବା ପରିବର୍ତ୍ତନ ଓ ଜୀବିକା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସ୍ଥାନୀୟ ସ୍ତରରେ ସମସ୍ୟା ଚିହ୍ନଟ କରି କୃଷକଙ୍କ ସହଭାଗିତାରେ ସମାଧାନର ପଥ ଖୋଜିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

କୃଷକଙ୍କ ପାରମ୍ପରିକ ଜ୍ଞାନ ଓ ଅଭିଜ୍ଞତା ସହ ଆଧୁନିକ ଜଳବାୟୁ ଅନୁକୂଳ କୃଷି ପ୍ରଯୁକ୍ତିର ସମନ୍ୱୟ ମାଧ୍ୟମରେ ଏକ ଅଧିକ ସ୍ଥାୟୀ କୃଷି ବ୍ୟବସ୍ଥା ଗଠନ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏଥିପାଇଁ ଗ୍ରାମସଭା, ରଚଙ, କୃଷକ ଓ ସରକାରୀ ବିଭାଗ ମଧ୍ୟରେ ଅଧିକ ସମନ୍ୱୟର ଆବଶ୍ୟକତା ରହିଛି।

ଜଳବାୟୁ ପରିବର୍ତ୍ତନର ଆହ୍ୱାନ ମଧ୍ୟରେ କୃଷକଙ୍କ ଆୟ ବୃଦ୍ଧି, କୃଷିକୁ ଅଧିକ ସ୍ଥାୟୀ କରିବା ଏବଂ ଆଦିବାସୀ ପରିବାରର ଜୀବିକାକୁ ସୁଦୃଢ଼ କରିବା ଦିଗରେ ରଚଙ ଆଧାରିତ ଜଳବାୟୁ ସହନଶୀଳ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଗ୍ରାମସଭାରେ ମତ ପ୍ରକାଶ ପାଇଥିଲା।

## ଗଜଲକ୍ଷ୍ମୀ ପୂଜା-୨୦୨୬ ପାଇଁ ପ୍ରାକ୍ ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୫।୧୦(ପ୍ରବାହ ନ୍ୟୁଜ) :** ଆସନ୍ତା ଗଜଲକ୍ଷ୍ମୀ ପୂଜା-୨୦୨୬କୁ ଶୃଙ୍ଖଳିତ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ ନିମନ୍ତେ ଆଜି ସନ୍ଧ୍ୟା ୫ଟା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଗଜଲକ୍ଷ୍ମୀ ପୂଜା ପାଇଁ ସମନ୍ୱୟ କମିଟି ଗଠନ, ପୂଜା କମିଟିଗୁଡ଼ିକୁ ଅନୁମତି ପତ୍ର ପ୍ରଦାନ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟସେବା, ପରିମଳ, ଆଲୋକ ଓ ଜଳ ଯୋଗାଣ, ଅଗ୍ନି ନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ବେଆଇନ ଚାନ୍ଦା ଆଦାୟ ରୋକିବା ଏବଂ ନିଶା ନିବାରଣ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ୧୦୦ ବର୍ଷ ପୂରଣ କରୁଥିବାରୁ ଏହି ଶତବାର୍ଷିକୀକୁ ଗୁରୁତ୍ୱର ସହ ପାଳନ କରିବା ନିମନ୍ତେ ବିଶେଷ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଶତବାର୍ଷିକୀ ଉପଲକ୍ଷେ ୧୦୦ ବର୍ଷ ପୂର୍ତ୍ତିର ତୋରଣ ସ୍ଥାପନ ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆମ୍ବୁଲାନ୍ସ କରିଡର ନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା, ଜରୁରୀକାଳୀନ ସେବା ପାଇଁ ରାସ୍ତା ସୁଗମ ରଖିବା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ସମସ୍ତ ବିଭାଗ ପରସ୍ପର ସମନ୍ୱୟରେ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।



ବୈଠକରେ ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧକ୍ଷା ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ମାନ୍ୟବର ସାଂସଦଙ୍କ ପ୍ରତିନିଧି କିଶୋର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଏବଂ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।






## ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଆଜି ଷୋଳପୂଜାର ତୃତୀୟ ଦିନ



ବାଙ୍କୀ,୫।୧୦(ପ୍ରବାହ ନ୍ୟୁଜ):ଆଜି ମା'ଚର୍ଚ୍ଚିକା ଠାକୁରାଣୀଙ୍କ ଶାରଦୀୟ ଦୁର୍ଗା ପୂଜାର ତୃତୀୟ ଦିବସ । ପ୍ରାତଃକାଳରୁ ସେବାୟତମାନେ ମହାନଦୀର ରେଣୁକା ଘାଟରୁ ୧୦୮ କଳସ ଜଳ ଆଣି ମା'ଙ୍କୁ ସ୍ନାନ ପରେ ମଜଣା କାର୍ଯ୍ୟ ହୋଇଥିଲା । ସୂର୍ଯ୍ୟପୂଜା, ମଙ୍ଗଳ ଅଳତୀ, ପହିଲି ଧୂପ ଭୋଗ ଲାଗି କରାଯାଇଥିଲା । ମଧାହ୍ନ ଧୂପରେ ସାଧାଅର୍ଣ୍ଣ, ଖେଚୋଡ଼ି, ବ୍ୟଞ୍ଜନ,ଡାଲ୍ ?ମା, ଖଟା , ଶାଗ, କ୍ଷୀରି , କାକରା ଆଦି ଭୋଗ ପରେ ପହଡ ବନ୍ଦ ହୋଇଥିଲା । ସନ୍ଧ୍ୟାରେ ପହଡ ଖୋଲାଯାଇ ସନ୍ଧ୍ୟା ଧୂପ ଓ ଆଳତୀ ଦେଖିବା ପାଇଁ ବାଙ୍କୀ ତଥା ଓଡିଶାର ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ପରେ ମାଜଣା ଓ ବଡସିଂହାର ବେଶ ଏବଂ ରାତ୍ରକାଳୀନ ଧୂପ ସରିବା ପରେ ପହଡ ବନ୍ଦ କରାଯାଇଥିଲା ।

## ମୁର୍ଶୁଣ୍ଡି ପଞ୍ଚାୟତ ମୁନିସିପାଲିଟି ଅନ୍ତର୍ଭୁକ୍ତ ହେବା ପରେ ଗାଁସାଥିଙ୍କ କର୍ମସଂସ୍ଥାନ ଦାବି



ବୌଦ୍ଧ ,୫।୧୦(ପ୍ରବାହ ନ୍ୟୁଜ):ମୁରଶୁଣ୍ଡି ପଂଚାୟତ ବୌଦ୍ଧ ମୁନିସିପାଲିଟିରେ ସାମିଲ୍ ହେବା ପରେ କର୍ମ ସଂସ୍ଥାନ ହରାଇଥିବା ବିଭିନ୍ନ ରାଜସ୍ୱ ଗ୍ରାମର ଗାଁ ସାଥୀ ମାନଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ଆଜି ଦାବି କରିଛନ୍ତି । ବୌଦ୍ଧ ମୁନିସିପାଲିଟିରେ ବିଲିନ ହୋଇ ଯାଇଥିବା ଉକ୍ତ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମର ମନରେଗା ଯୋଜନାର ଗାଆଁ ସାଥୀ ବା ମେଟ ମାନେ ଦୀର୍ଘ ୧୮ ବର୍ଷ ହେଲା କାମ କରି ବର୍ତମାନ ନିଜ କର୍ମ ସଂସ୍ଥାନ ହରାଇଛନ୍ତି । ସହରାଞ୍ଚଳରେ ମନରେଗା ବା ତା ବଦଳରେ ହୋଇଥିବା ନୁଆଁ ଭିବି ଜି ରାମ ଜି ଯୋଜନା କାର୍ଯ୍ୟକାରୀ ଆଉ ହେବନାହିଁ କ୍ଷ ତେଣୁ ଗ୍ରାମର ବନ୍ଧ, ରାସ୍ତା ବା ବନୀକରଣ କାର୍ଯ୍ୟରେ ନିୟୋଜିତ ହୋଇ ଯେଉଁ ରୋଜଗାର କରୁଥିଲେ ବର୍ତ୍ତମାନ ପଞ୍ଚାୟତ ବିଲିନ ହୋଇ ଯିବା ପରେ ନିସହାୟ ହୋଇ ପଡିଥିବା ଅଭିଯୋଗ କରିଛନ୍ତି । ସେମାନଙ୍କ ଆତ୍ମ ନିଯୁକ୍ତି ପାଇଁ ସରକାରଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବି କରିଛନ୍ତି ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ




ବାଙ୍କୀ,୫।୧୦(ପ୍ରବାହ ନ୍ୟୁଜ): ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନରାଜସ୍ଥିତ ବୃଦ୍ଧାଶ୍ରମ ଠାରେ ୱାଇଜ୍‌ମେଣ୍ଟସ୍ କ୍ଲବ କଟକ ତରଫରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏଥିରେ କ୍ଲବର ସଭାପତି ଲଳିନୀ ମହାପାତ୍ର, ୱାଇଜ୍‌ମ୍ୟାନ୍ ପୂର୍ବତନ ଜିଲ୍ଲା ଗର୍ଭର୍ଣ୍ଣର ସତ୍ୟଗୋପାଳ ପରିଜା, ବୀଣାପାଣି ମହାପାତ୍ର, ମମତା ମହାପାତ୍ର, ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗଦେଇଥିଲେ । ଏଥି ସହିତ ଏହି ବୃଦ୍ଧାଶ୍ରମରେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଯିବା ସହ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଅନୁଷ୍ଠାନ ତରଫରୁ ଅନ୍ତେବାସୀ ମାନଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ହୋଇଥିଲା ।

## ପାଞ୍ଚଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଛତ୍ରପୁର,୫।୧୦(ପ୍ରବାହ ନ୍ୟୁଜ): ଗଞ୍ଜାମବ୍ଲକ ପାଲୁରୁଗଡ଼ ପଞ୍ଚାୟତ ଅଧିନସ୍ଥ ଗଜପତିନଗର ପ୍ରାଥମିକ ବିଦ୍ୟାଳୟରେ ପ୍ରତିଷ୍ଠିତ ପାଞ୍ଚଜଣ ବରପୁତ୍ର ଯଥା- ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ସମ୍ବିଧାନ ପ୍ରଣେତା ଡ଼.ଭୀମରାଓ ରାମଜୀ ଆମ୍ବେଦକର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ

ଙ୍କ ପ୍ରତିମୂର୍ତ୍ତି ଆନୁଷ୍ଠାନିକ ଭାବେ ଉନ୍ମୋଚନ ହୋଇଯାଇଛି । ମହାମାନବ ମହାତ୍ମାଗାନ୍ଧୀ ଓ ଶାନ୍ତି ଦୂତ ଲାଲବାହାଦୂର ଶାସ୍ତ୍ରୀଜୀ ଙ୍କ ଜୟନ୍ତୀ ସମାରୋହ ଅବସରରେ ଏହି ପ୍ରତିମୂର୍ତ୍ତି ଗୁଡ଼ିକର ଉନ୍ମୋଚନ ବର୍ଣ୍ଣାଢ଼୍ୟ ସମାରୋହରେ ସମାହିତ ହୋଇଯାଇଛି।

ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ,(ଗଞ୍ଜାମ) ସୁନୀଲ କୁମାର କେରେକେଟ୍ଟା ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ରୂପେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ



ସୌରଭ ପ୍ରଧାନ ଯୋଗଦେଇ ଏହି ଦିବସର ମହତ୍ତ୍ୱ ପ୍ରତିପାଦନ କରିବା ସାଂଗକୁ ଭବ୍ୟ ଆୟୋଜିତ କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ୟକ୍ତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଭୂୟସୀ ପ୍ରଶଂସା କରିଥିଲେ ।

ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡଃ.ସନ୍ତୋଷ କୁମାର ପାତ୍ର, ଡ଼.ଏ.ପି.ଜେ.ଅବଦୁଲ୍ କାଲାମ ଜନ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ (ଖଲ୍ଲିକୋଟ) ର ସଭାପତି ପୁର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ପଞ୍ଚାନନ ସୂର , ଗଞ୍ଜାମ ଜିଲ୍ଲା ଦଳିତ ସାହିତ୍ୟ ଏକାଡେମୀ ର ସଭାପତି ବଂଶୀଧର ସେଠୀ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ବିଜୟ ବିଶ୍ୱାଳ, ଉତ୍କଳ ସ୍ୱାଭିମାନ ମଞ୍ଚର ସମ୍ପାଦକ, ପ୍ରଭାକର ତ୍ରିପାଠୀ, ସଦସ୍ୟ ସୁବାସ ଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ପୃଷ୍ଟି, ରାଧାକାନ୍ତ ମହାପାତ୍ର, ଗଜପତି ନଗରର ସଭାପତି ଡ଼.ବ୍ରଜବନ୍ଧୁ ବେହେରା, ପାଲୁରୁଗଡ଼ ସରପଞ୍ଚ ଶ୍ରୀମତୀ ସନ୍ତୋଷିନୀ ବେହେରା, ଏମ୍.ଇ. ସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ନାହାକ ,ଏମ.ଇ.ସ୍କୁଲ ସଭାପତି ଟୁକୁ ବେହେରା, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧନୁର୍ଦ୍ଧର ବେହେରା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ, ତିନୋଟି ଅଙ୍ଗନବାଡ଼ିର କର୍ମୀ ଓ ସହାୟିକା, ପୂର୍ବତନ ଛାତ୍ରଛାତ୍ରୀ , ବିଦ୍ୟାଳୟ ର ପରିଚାଳନା କମିଟୀ , ଗ୍ରାମବାସୀ ଓ ସାମ୍ବାଦିକ ବନ୍ଧୁମାନେ ପ୍ରମୁଖ ଉପସ୍ଥିତ ରହି ସକ୍ରୀୟ ସହଯୋଗ କରିଥିଲେ । ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପାଇଁ ଛଅ ଜଣ ପ୍ରତିଭାଧାରୀଙ୍କୁ

ମୁଖ୍ୟଅତିଥିଙ୍କ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ ହୋଇଥିଲେ ।

ସେମାନେ ହେଲେ ଅବସରପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ଉମାଚରଣ ବିଶ୍ୱାଳ, ବିଶିଷ୍ଟ ସମାଜସେବୀ ଡମ୍ବରୁଧର ବେହେରା, ଉଦିୟମାନ କଣ୍ଠଶିଳ୍ପୀ ଗଣେଶ ପଟ୍ଟନାୟକ, ବିଶିଷ୍ଟ ଚିତ୍ରକାର ସନ୍ତୋଷ କୁମାର ବେହେରା, ଯୁବ ସାହିତ୍ୟିକା ସୁଶ୍ରୀ ତପସ୍ୱିନୀ ବେହେରା ଓ କୃତି ବିଦ୍ୟାର୍ଥୀ ସୁଶ୍ରୀ ବିନୋଦିନୀ ପ୍ରଧାନ ।

ପ୍ରକାଶ ଥାଉକି ସ୍ଥାପନ କରାଯାଇଥିବା ପ୍ରତିମୂର୍ତ୍ତି ଗୁଡିକ, ବିଭିନ୍ନ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ଙ୍କ ଠାରୁ ପ୍ରାପ୍ତ ହୋଇଥିଲା । ଉତ୍କଳମଣି ଙ୍କ ପ୍ରତିମୂର୍ତ୍ତି କୁ ଦୈନିକ ସମ୍ବାଦପତ୍ର 'ସମାଜ' ର ପ୍ରକାଶକ ତଥା ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା ଙ୍କ ସହଯୋଗରେ ପ୍ରାପ୍ତ ହୋଇଥିଲା ବେଳେ, ଡ଼.ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ,ଖଲ୍ଲିକୋଟ ଓ ପୂର୍ବତନ ଛାତ୍ରଛାତ୍ରୀ ଙ୍କ ଠାରୁ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ପ୍ରାପ୍ତ ହୋଇଥିଲା ।? ସେହିପରି ଉତ୍କଳ ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା ମାନେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଆଣିଥିଲେ ?।? ରାମଚନ୍ଦ୍ର ପୃଷ୍ଟି ଙ୍କ ଦ୍ୱାରା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି । କାର୍ଯ୍ୟକ୍ରମ ଟିକୁ ଶିକ୍ଷକ ଶ୍ରୀ ବିଷ୍ଣୁ ବେହେରା ଖୁବ୍ ସୁନ୍ଦର ଶୈଳୀରେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଗ୍ରାମର ଆବାଳ ବୃଦ୍ଧବନିତା ସହଯୋଗ କରିଥିଲେ। ଶେଷରେ ଡ଼. ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ (ଖଲ୍ଲିକୋଟ)ର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ସର୍ଭିଙ୍କୁ ସାଧୁବାଦ ଜଣାଇଥିଲେ ।

## ଉପଖଣ୍ଡ ସ୍ତରୀୟ ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୫।୧୦(ପ୍ରବାହ ନ୍ୟୁଜ): ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧକ୍ଷତାରେ ଉପଖଣ୍ଡ ସ୍ତରୀୟ ଶାରଦୀୟ ଦୁର୍ଗାପୂଜା ବୈଠକ ଅନୁଷ୍ଠିତ ହୋଇଛି କ୍ଷ ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ ବୈଠକରେ ୪୫ ଟି ପୂଜା ମଣ୍ଡପର ସଭାପତି ଏବଂ ସଂପାଦକଙ୍କ ସମେତ ମୁରବୀ ସ୍ଥାନୀୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ କ୍ଷ ବିଭିନ୍ନ ସମସ୍ୟାର ସମାଧାନ ଏବଂ ଆବଶ୍ୟକତାର ପରିପୂରଣ ସଂପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା କ୍ଷ ଆଇନ୍ ଶୃଙ୍ଖଳା ରକ୍ଷା ଦିଗରେ ଆବଶ୍ୟକୀୟ ପଦକ୍ଷେପ ସହ ଟ୍ରାଫିକ୍ ପରିଚାଳନାରେ ମଣ୍ଡପ କର୍ମକର୍ତ୍ତାଙ୍କ ସହଯୋଗ, ତାଲିମପ୍ରାପ୍ତ ସ୍ୱୟଂସେବକ ନିୟୋଜନ ନିମନ୍ତେ ସ୍ଥିର ହୋଇଥିଲା କ୍ଷ ଡିଜେ ସଂପୂର୍ଣ୍ଣ ବ୍ୟାନ୍, ରାସ୍ତା ଅବରୋଧ ନକରି ପ୍ରତ୍ୟେକ ପୂଜା ମଣ୍ଡପରେ ସି.ସି.ଟି.ଭି. ଲଗାଇବା, ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବିଦ୍ୟୁତ୍ ସରବରାହ ଅନୁମତି ନେଇ ସଂଯୋଗ ସହ ବିଦ୍ୟୁତ୍ ନିରାପତ୍ତା,




ପାରଦର୍ଶୀ ବିଦ୍ୟୁତ୍ ଉପଯୋଗ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମଣ୍ଡପ ନିକଟରେ ଅଗ୍ନି ନିର୍ବାପନ ପାଇଁ ବାଲି ଓ ପାଣି ବାଲ୍ଟି ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା କ୍ଷ ପୂଜା ମଣ୍ଡପ ପରିସର ପରିଷ୍କାର ରଖିବାକୁ ପରିମଳ ବ୍ୟବସ୍ଥା ସଂପର୍କରେ ଆଲୋଚନା ହୋଇଥିଲା କ୍ଷ ବିସର୍ଜନ ସମୟରେ ରାସ୍ତାକୁ ମାଡ଼ିଆସିଥିବା ଗଛର ଡାଳ ଗୁଡିକ କାଟିବା ସହ କୌଣସି ଅଘଟଣ ଏଡ଼ାଇବା ପାଇଁ କୃତ୍ରିମ ପୁଷ୍କରିଣୀରେ ଶାନ୍ତିଶୃଙ୍ଖଳା ସହ ବିସର୍ଜନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା କ୍ଷ ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସହାୟତା ନେବାକୁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା କ୍ଷ ମିଳିତ ପ୍ରୟାସ କ୍ରମେ ସଫଳତାର ସହ ଶାରଦୀୟ ଦୁର୍ଗାପୂଜା ସମାପନ ଉପରେ ଉପ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ କ୍ଷ ବୈଠକରେ ବ୍ରହ୍ମପୁର ଏସ୍.ଡି.ପି.ଓ, ଡି.ଏସ୍.ପି ତଥା ଟ୍ରାଫିକ୍, ଅଗ୍ନିଶମ, ମହାନଗର ନିଗମ ଅଧିକାରୀଙ୍କ ସହ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀଗଣ ସହଯୋଗ କରିଥିଲେ ।

## ଅଙ୍ଗନବାଡି କେନ୍ଦ୍ରର ଅନିୟମିତତା ଓ ମନମୁଖୀ କାର୍ଯ୍ୟ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ବୌଦ୍ଧ ,୫।୧୦(ପ୍ରବାହ ନ୍ୟୁଜ): ବୌଦ୍ଧ ବ୍ଲକ ବ୍ରାମ୍ହଣୀପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଜାପଦର ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ହେଉଥିବା ଅନିୟମିତତା ଓ କେନ୍ଦ୍ରର କର୍ମୀ ଏବଂ ସହାୟିକାଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବୌଦ୍ଧ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଶିଶୁ ଓ ଗର୍ଭବତୀ ମା ମାନଙ୍କ ପାଇଁ ସରକାର ଯୋଗାଇ ଦେଉଥିବା ଖାଦ୍ୟ ବଣ୍ଟନରେ ଅନିୟମିତତା, ଛୁଆ ମାନଙ୍କୁ ଘରୁ ନେବା ଆଣିବାରେ ଅବହେଳା, ପୁଷ୍ଟିକର ଖାଦ୍ୟ ହିତାଧିକାରୀ ମାନଙ୍କୁ ବଣ୍ଟନ ନକରି ପୋଡି ଦେଉଥିବା ସମ୍ପର୍କରେ ସେମାନେ ସୁପରଭାଇଜର୍ ଓ ସିଡ଼ିପିଓଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ହେତୁ ଆଜି ସେମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଙ୍ଗନବାଡି କର୍ମୀ ଓ ସହାୟିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ କେନ୍ଦ୍ରରେ ତାଲା ପକାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ବାଙ୍କୀ ମହୋତ୍ସବ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା

ବାଙ୍କୀ,୫।୧୦(ପ୍ରବାହ ନ୍ୟୁଜ): ଚଳିତ ବର୍ଷ ବାଙ୍କୀ ମହୋତ୍ସବ ଉପଲକ୍ଷେ କଚେରୀ ପଡିଆ ଠାରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ୍ ମୁଣ୍ଡଳୀ, ରଜୀବ, ଭେଡାରାମଚନ୍ଦ୍ରପୁର, ନିସ୍ତିପୁର, ପଦନପୁର, ବୈଦ୍ୟେଶ୍ୱର ଦିସା କ୍ଲବ, କୁଶୁପଙ୍ଗି , ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ୍ ଖେଳରେ ପଦନପୁର ଏବଂ ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ପଦନପୁର ଚମ୍ପିୟାନ୍ ଆଖ୍ୟା ଅର୍ଜନ କରିଥିବା ବେଳେ ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ରନର୍ସ ଅପ୍ ହୋଇଥିଲା । ଏହି ଖେଳକୁ ବାଙ୍କୀ ଆଥେଲେଟିକ୍ ଆସୋସିଏସନର ସଂପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳକୁ ସାନୁ ଦାଶ ଏବଂ ଜଗବନ୍ଧୁ



ସେଠୀ ପରିଚାଳନା କରିଥିଲେ । ଏଥିରେ ଅତିଥି ଭାବେ ମହୋତ୍ସବର ସଂପାଦକ ଗଣେଶ୍ୱର ସ୍ୱାଇଁ, ଉପସଭାପତି ସନାତନ ବେହେରା, ଆଇନଜୀବୀ ପ୍ରଦୀପ ପୃଷ୍ଟି, ସମାଜସେବୀ ବିବେକାନନ୍ଦ ସାମଲ, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାପାତ୍ର, ସ୍ମରଣିକା ସଂପାଦକ କୌଶିକ ନାୟକ, ସୋମନାଥ ସାହୁ ପ୍ରମୁଖ ଯୋଗଦାନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ ।

## ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ଭାବେ ସୁଧୀର ସାବତ ମନୋନୀତ

ଛତ୍ରପୁର,୫।୧୦(ପ୍ରବାହ ନ୍ୟୁଜ): ଓଡ଼ିଶା ସରକାର ଯୋଜନା ଓ ସମନ୍ୱୟ ବିଭାଗ ଭୁବନେଶ୍ୱର ବିଜ୍ଞପ୍ତି ଚିଠି ନଂ. ୧୪୭୯ /ପି, ତାରିଖ ୦୩-୧୦-୨୦୨୬ ପ୍ରକାରେ ଓଡ଼ିଶା ଜିଲ୍ଲା ଯୋଜନା କମିଟୀ ଆଇନ, ୧୯୯୮ (୧୯୯୮ ର ଓଡ଼ିଶା ଆଇନ ୮) ର ଧାରା ୩ ର ଉପ-ଧାରା (୩) ର କ୍ଲଜ୍ (ସସସ) ସହ ଧାରା ୪ ର ଉପ-ଧାରା (୧) ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ, ରାଜ୍ୟ ସରକାର ଏତଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଗଞ୍ଜାମ ଜିଲ୍ଲାର ଜିଲ୍ଲା ଯୋଜନା କମିଟିରେ ବିଶେଷଜ୍ଞ ସଦସ୍ୟ ଭାବେ ମନୋନୀତ କରିଛନ୍ତି, ଯେଉଁ କମିଟି ପୂର୍ବତନ ଯୋଜନା ଓ ସମନ୍ୱୟ ବିଭାଗର ବିଜ୍ଞପ୍ତି ନଂ. ୯୩୯୧/ ପି, ଡିପିସି-୩୧/୨୦୦୧, ତାରିଖ ୧୯ ମେ, ୨୦୦୩ ଦ୍ୱାରା ପୁନର୍ଗଠିତ ହୋଇଥିଲା । 'କ୍ରମିକ ନଂ.୧୮ – ଶ୍ରୀ ଦେବଦତ୍ତ ପଣ୍ଡା – ବିଶେଷଜ୍ଞ ସଦସ୍ୟ ଓ କ୍ରମିକ ନଂ.୧୯ – ଶ୍ରୀ ସୁଧୀର ସବତ – ବିଶେଷଜ୍ଞ ସଦସ୍ୟ ଭାବେ ମାନ୍ୟବର ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କ ସୁପାରିଶ କ୍ରମେ ରାଜ୍ୟପାଳଙ୍କ ଆଦେଶ ଦ୍ୱାରା ଓଡ଼ିଶା ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗ ଗଞ୍ଜାମ ଜିଲ୍ଲା ପାଇଁ ନିଯୁକ୍ତି ଦେଇଛନ୍ତି। ଗଞ୍ଜାମ ଜିଲ୍ଲାର ମାଟିରୁ ସ୍ୱେଚ୍ଛାସେବୀ ଭାବେ ୧୯୮୧ ମସିହାରୁ ଆରମ୍ଭ କରିଥିବା ସୁଧୀର ସାବତଙ୍କ ସମାଜସେବା ଆଜି ବିଭିନ୍ନ ସାମାଜିକ କ୍ଷେତ୍ରକୁ ସ୍ପର୍ଶ କରିଛି। ତାଙ୍କ ଯାତ୍ରାର ମୂଳମନ୍ତ୍ର ହେଉଛି "ସେବା କେବଳ ସମସ୍ୟାର ସମାଧାନ ନୁହେଁ; ଲୋକଙ୍କୁ ନିଜ ଅଧିକାର ଓ ସମ୍ଭାବନା ପାଇଁ ନିଜେ ଠିଆ ହେବାକୁ ସଶକ୍ତ କରିବା।" ଶିଶୁର ହସ, ମହିଳାଙ୍କ ସୁରକ୍ଷା, ଗରିବ ପରିବାରର ଆତ୍ମନିର୍ଭରତା ଏବଂ ଗ୍ରାମୀଣ ସମାଜର ସମ୍ମାନଜନକ ଜୀବନ ଏହି ସବୁକୁ ନିଜ ସମାଜସେବାର ଲକ୍ଷ୍ୟ କରି ସୁଧୀର ସାବତ ଦୀର୍ଘ ସମୟ ଧରି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ସେବା ଯାତ୍ରା ଏକ ବ୍ୟକ୍ତିର କାହାଣୀ ମାତ୍ର ନୁହେଁ; ଏହା ହେଉଛି ଗଞ୍ଜାମର ଗ୍ରାମୀଣ ସମାଜରୁ ଉଠିଥିବା ଏକ ମାନବିକ ପ୍ରୟାସର ଦୀର୍ଘ ଯାତ୍ରା ଯାହାର କେନ୍ଦ୍ରରେ ରହିଛି ମଣିଷ,



ଅଧିକାର, ସୁରକ୍ଷା ଓ ସମ୍ମାନ।ସୁଧୀର ସାବତଙ୍କ ସମାଜସେବାର ଏକ ମୁଖ୍ୟ ମଞ୍ଚ ହେଉଛି ଓଭୟସବଭ ଝକ୍ଟମସରସ୍ୱଛ ଲକ୍ଟକ୍ସ ଜଙ୍କସ୍ୱବକ୍ଷ ଉରଙ୍ଗରକ୍ଷକ୍ଟକ୍ତ୍ରଙ୍କରଭସ୍ୱ (ଓଝଜଉ)। ଗ୍ରାମୀଣ ଓ ଦୁର୍ବଳ ବର୍ଗର ଲୋକମାନଙ୍କ ଅଧିକାର, ବିକାଶ ଓ ସଶକ୍ତିକରଣକୁ ନେଇ ସଂସ୍ଥାଟି ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛି। ଏକ ଛୋଟ ପ୍ରୟାସରୁ ଆରମ୍ଭ ହୋଇଥିବା ଏହି ସେବା ଯାତ୍ରା କ୍ରମେ ଅନେକ ଗ୍ରାମ, ପରିବାର, ମହିଳା, ଶିଶୁ ଓ ଅବହେଳିତ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିଛି। ସରକାରୀ ବିଭାଗ, ପ୍ରଶାସନ, ପୋଲିସ, ସ୍ଥାନୀୟ ନେତୃତ୍ୱ, ସ୍ୱେଚ୍ଛାସେବୀ ସଂଗଠନ ଓ ସମୁଦାୟକୁ ଏକାଠି କରି ସମସ୍ୟାର ସମାଧାନ କରିବା ତାଙ୍କ କାର୍ଯ୍ୟଶୈଳୀର ଏକ ବିଶେଷ ଦିଗ। ସମାଜସେବା କେବଳ ଏକ ପେଶା ନୁହେଁ; ଏହା ହେଉଛି ମଣିଷର ଦୁଃଖକୁ ନିଜର ଦୁଃଖ ଭାବିବା, ଅବହେଳିତଙ୍କ ସ୍ୱରକୁ ନିଜର ସ୍ୱର କରିବା ଏବଂ ସମାଜର ଶେଷ ଧାଡ଼ିରେ ଥିବା ମଣିଷଙ୍କ ଜୀବନରେ ଆଶାର ଆଲୋକ ଜଳାଇବା। ଏହି ମାନବିକ ଚିନ୍ତାଧାରାକୁ ଜୀବନର ଲକ୍ଷ୍ୟ କରି ଦୀର୍ଘ ଦଶକ ଧରି କାର୍ଯ୍ୟ କରିଆସୁଥିବା ଜଣେ ସମାଜସେବୀ ସୁଧୀର ସାବତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସମୟରେ ସମ୍ମାନିତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ସୁଧୀର ସାବତ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟ, ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡର ମାନ୍ୟବର ଅଧକ୍ଷ ମହୋଦୟ ଏବଂ ଗଞ୍ଜାମ ଜିଲ୍ଲାର ସମସ୍ତ ମାନ୍ୟବର ବିଧାୟକ ଓ ସାଂସଦ ମହୋଦୟମାନଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

## ବାରଙ୍ଗ ଠାରେ ବାଙ୍କୀ ମହୋତ୍ସବ ବୈଠକ

ବାଙ୍କୀ,୫।୧୦- ବାଙ୍କୀ ମହୋତ୍ସବ କମିଟି ତରଫରୁ ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ଜୋନ୍ ବେଲଗଛିଆ ପଞ୍ଚାୟତର କଲ୍ୟାଣମଣ୍ଡପ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାରଙ୍ଗ ଶାନ୍ତିକମିଟିର ସଭାପତି ପ୍ରତାପ ଚନ୍ଦ୍ର ପାଣି ସଭାପତିତ୍ୱ କରିଥିବା ବେଳେ ସଂପାଦକ ସୁରେଶ ଚନ୍ଦ୍ର ମହାନ୍ତି ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଦ୍ରୁତ ସହରୀକରଣରେ ବାରଙ୍ଗର ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ତଥା ମହୋତ୍ସବ କମିଟିର ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦାନ କରି ବାରଙ୍ଗର ବିଭିନ୍ନ ସମସ୍ୟାର କିପରି ସମାଧାନ କରାଯାଇ ପାରିବ ସେ ସଂପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦାନ କରି ବାରଙ୍ଗର କିପରି ସର୍ବାଙ୍ଗିନ ଉନ୍ନତି ହୋଇ ପାରିବ ତାହା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂସହାୟକ




ଗୋଷ୍ଠୀ, କୃଷି, କ୍ରୀଡା ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଂପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ, କୋଷାଧକ୍ଷ ସମରେନ୍ଦ୍ର ମହାପାତ୍ର, ବାରଙ୍ଗ ବ୍ଲକ ଅଧକ୍ଷା ସାବିତ୍ରୀ ଦଳେଇ, ବାସ୍ତୁବିତ୍ ବିଚିତ୍ରାନନ୍ଦ ମହାପାତ୍ର, ପ୍ରଭାତ ଲେଙ୍କା , ସରପଂଚ ଗୀତାଞ୍ଜଳି ସାହୁ, ନାରୀନେତ୍ରୀ ସୁମିନା ପ୍ରଧାନ, କାର୍ଯ୍ୟକାରୀ ସଭାପତି ଅଶୋକ ରାଉତ, ସରପଂଚ ଦିଲ୍ଲୀପ ବେହେରା, ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ ପଟେଲ, ମହୋତ୍ସବ କମିଟି ଉପସଭାପତି ସନାତନ ବେହେରା, ସନ୍ତୋଷ ରଣା, ଭାଗିରଥି ପାଣି ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ସରପଂଚ ମାନିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।






# ଜିଲ୍ଲାପାଳ ଓଏସ୍‌ପିଙ୍କ ଯୁଗ୍ମ ଅଭିଯୋଗଶୁଣାଣୀ ଓ ସମାଧାନ ଶିବିର ସହିତ ସେବା ସେତୁ ଅଭିଯାନ




ବୌଦ୍ଧ,୫।୧୦(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ସଭାବନା ସଭାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଳଦୀପ ମୀନାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଏବଂ ସେବା ସେତୁ ଅଭିଯାନ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ
ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ଅତିରିକ୍ତ ତହସିଲଦାର ମହମ୍ମଦ ରଜାଇ ରସୁଲ , ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଷାନ୍ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଶିବିରରେ ୭୧ ଗୋଟି ବ୍ୟକ୍ତିଗତ ଓ ୩ ଟି ଗୋଷ୍ଠିଗତ ଏଭଳି ମୋଟ ୭୪ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ୨୧ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା କ୍ଷ ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।୦୫ ଜଣ ଅସହାୟଙ୍କୁ ୧୯,୫୦୦ ଟଙ୍କା ତତ୍କାଳ ସହାୟତା ରେଡ୍ କ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସେଠାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ଚତୁର୍ଥ ଦିନରେ ଗଣଧାରଣା ପ୍ରତ୍ୟାହୃତ

## ଉପଜିଲ୍ଲାପାଳଙ୍କ ଆଶ୍ୱାସନ ପରେ ଆନ୍ଦୋଳନରେ ବିରାମ; ଟେକ୍ନିକାଲ୍ ଟିମ୍ କରିବ ସର୍ବେକ୍ଷଣ, ୩ ମାସରେ କାମ ଆରମ୍ଭ ପାଇଁ ପ୍ରତିଶ୍ରୁତି




ଗୋଲାମୁଣ୍ଡା,୫।୧୦(ପ୍ରବାହ ନ୍ୟୁଜ): ତିନିଟି ପ୍ରମୁଖ ସ୍ଥାନରେ ଅଣ୍ଡରପାସ ନିର୍ମାଣ ଦାବିକୁ ନେଇ ଗୋଲାମୁଣ୍ଡାରେ ଚାରି ଦିନ ଧରି ଚାଲିଥିବା ଗଣଧାରଣାରେ ସୋମବାର ପଡ଼ିଛି ବିରାମ। ଧାରଣାସ୍ଥଳରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ପ୍ରଶାସନ ପକ୍ଷରୁ ମିଳିଥିବା ଆଶ୍ୱାସନକୁ ଗ୍ରହଣ କରି ଜନସଂଗ୍ରାମ ସମିତି ଧାରଣା ପ୍ରତ୍ୟାହାର କରିଛି।ବିଜୁ ଏକ୍ସପ୍ରେସ୍ ୱେ ଯୋଗୁଁ ଅଞ୍ଚଳବାସୀଙ୍କ ଯାତାୟାତ, ଛାତ୍ରଛାତ୍ରୀଙ୍କ ଗମନାଗମନ ଓ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ସହ ତିନିଟି ପ୍ରମୁଖ ସ୍ଥାନରେ ଅଣ୍ଡରପାସ ନିର୍ମାଣ ଦାବିରେ ସମିତି ପକ୍ଷରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜନସଂଗ୍ରାମ ସମିତିର ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଚାରି ଦିନ ଧରି ଚାଲିଥିବା ଗଣଧାରଣା କ୍ରମେ ତୀବ୍ର ରୂପ ନେଇଥିଲା। ଦାବି ପୂରଣ ନହେଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିବା ବେଳେ ସୋମବାର ପ୍ରଶାସନର ହସ୍ତକ୍ଷେପ ପରେ ଘଟଣା ନୂଆ ମୋଡ଼ ନେଇଛି। ସୋମବାର ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଧାରଣାସ୍ଥଳରେ ପହଞ୍ଚି ସମିତିର ପ୍ରତିନିଧି ଓ ଆନ୍ଦୋଳନକାରୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଦାବିଗୁଡ଼ିକର ବାସ୍ତବ ସ୍ଥିତି ଅନୁଧ୍ୟାନ କରାଯିବା ସହ ଆବଶ୍ୟକ ପ୍ରଶାସନିକ ଓ ବୈଷୟିକ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ। ଆଲୋଚନାର ସବୁଠାରୁ ବଡ଼ ନିଷ୍କର୍ଷ ଭାବେ ଆସନ୍ତାକାଲି ଏକ ଟେକ୍ନିକାଲ୍ ଟିମ୍ ଧାରଣାସ୍ଥଳ ଓ ସମ୍ପୃକ୍ତ ଅଞ୍ଚଳକୁ ଯାଇ ସର୍ବେକ୍ଷଣ କରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସର୍ବେକ୍ଷଣ ପରେ ଆବଶ୍ୟକ ପ୍ରକ୍ରିୟା ଆଗେଇ ନେଇ ଆସନ୍ତା ତିନି ମାସ ମଧ୍ୟରେ କାମ ଆରମ୍ଭ କରିବା ନେଇ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି। ପ୍ରଶାସନର ଏହି ଆଶ୍ୱାସନ ପରେ ଆନ୍ଦୋଳନକାରୀମାନେ ଗଣଧାରଣା ପ୍ରତ୍ୟାହାର କରିଥିଲେ। ତେବେ ଏହାକୁ ସ୍ଥାୟୀ ସମାଧାନ ନୁହେଁ, ବରଂ ପ୍ରଶାସନକୁ ଦିଆଯାଇଥିବା ଏକ ସୁଯୋଗ ବୋଲି ଦେଖାଯାଉଛି। ଏବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ବେକ୍ଷଣ ଓ ପ୍ରତିଶ୍ରୁତ କାର୍ଯ୍ୟ କେତେ ଦୂର ଆଗକୁ ବଢୁଛି, ତାହା ଉପରେ ଅଞ୍ଚଳବାସୀଙ୍କ ନଜର ରହିଛି। ଧାରଣାସ୍ଥଳରେ ଗୋଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ନାୟକ, ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର, ଧର୍ମଗଡ଼ ବିଡ଼ିଓ, ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜନସଂଗ୍ରାମ ସମିତିର ସମ୍ପାଦକ ଅନିଲ ମଲ୍ଲିକଙ୍କ ସମେତ ଲମ୍ବୁ ଜାଲ, ଅଗସ୍ତି ମାଝୀ, ଫକୀର ମାଝୀ, ଅଶାରୁ ମାଝୀ, ତୁଷାର ସୁନାନୀ, ଘନ ରଣା, ରୁଦ୍ର ମଙ୍ଗରାଜ, ସୁମନ୍ତ କାଣ୍ଡ, ହାବେସ କାଣ୍ଡ, ଗଣେଶ କାଣ୍ଡ, ଦୟା ବାଗ, ଜତିନ୍ଦ୍ର ସେନାପତି, ଲକ୍ଷି ମାଝୀ, ଅଲେଖ ମାଝୀ, ଘାସିରାମ ମଲ୍ଲିକ, ଯୁଜେଷ୍ଟି ମାଝୀ ଓ ମିନିକେତନ ମାଝୀଙ୍କ ସମେତ ବହୁ ଆନ୍ଦୋଳନକାରୀ ଉପସ୍ଥିତ ଥିଲେ। ଚାରି ଦିନର ଗଣଧାରଣା ପରେ ଆଲୋଚନା ମାଧ୍ୟମରେ ଏକ ସମାଧାନର ପଥ ଖୋଲିଥିବା ବେଳେ ଏବେ ଟେକ୍ନିକାଲ୍ ଟିମ୍ ?ର ସର୍ବେକ୍ଷଣ ଓ ପରବର୍ତ୍ତୀ ପ୍ରଶାସନିକ ପଦକ୍ଷେପ ଉପରେ ସମସ୍ତଙ୍କ ନଜର। ପ୍ରଶାସନର ପ୍ରତିଶ୍ରୁତି ଯଦି ସମୟସୀମା ମଧ୍ୟରେ କାର୍ଯ୍ୟରୂପ ନିଏ, ତେବେ ଦୀର୍ଘଦିନ ଧରି ଚାଲିଥିବା ଏହି ଦାବିର ସମାଧାନ ଦିଗରେ ଏହା ଏକ ବଡ଼ ପଦକ୍ଷେପ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

# ବଣିକ ମହାସଂଘ ବୈଠକ



ବାଙ୍କୀ,୫।୧୦(ପ୍ରବାହ ନ୍ୟୁଜ): ବାଙ୍କୀ ମହୋତ୍ସବ ଉପଲକ୍ଷେ ବାଙ୍କୀ ବଣିକ ମହାସଂଘର ଏକ ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘର ସଂପାଦକ ଶ୍ରୀନିବାସ ବେହେରା ସଭାପତିତ୍ୱ କରିଥିଲେ । ବାଙ୍କୀରେ କିପରି ସମସ୍ତ ପୂଜା କମିଟି ଗୁଡିକ ଶାନ୍ତଶୃଙ୍ଖଳାର ସହ ପୂଜା କରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ସମସ୍ତ ପୂଜା କମିଟିରେ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ମୃତୟନ କରିବା ପାଇଁ ଥାନା ଅଧିକାରୀଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ମାସ ୨୬ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବାଙ୍କୀ ମହୋତ୍ସବ ସମୟରେ ର ସମସ୍ତ ପୂଜା କମିଟିର ମେମ୍ବରମାନେ ପଡାରେ କିପରି ଶାନ୍ତିଶୃଙ୍ଖଳା , ପରିଷ୍କାର ପରିଚ୍ଛନ୍ନ ରଖାଯିବ , କୌଣସି ଲୋକ ବିଶୃଙ୍ଖଳା କଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପୋଲିସ୍ ପକ୍ଷରୁ ନେବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାସଂଘର ଉପସଭାପତି ବିବେକାନନ୍ଦ ସାମଲ, ପ୍ରସନ୍ନମଣି ତ୍ରିପାଠୀ, ରବିନ୍ଦ୍ର ଦାସ, କ୍ଷେତ୍ରବାସୀ ଦାସ, ପ୍ରହଲାଦ ପୃଷ୍ଟି , ଟଙ୍କଧର ବେହେରା, ନୃସିଂହଛକ ପୂଜା କମିଟି ସଭାପତି ସରୋଜ କୁମାର ତ୍ରିପାଠୀ , ସୁଧାକର ନାୟକ, ନକୁଳ ବେହେରା, ତୁଷାରକାନ୍ତ ବୈଠାରୁ, ବଳଦେବ ସାହୁ, ନାରାୟଣ ସାହୁ, ସମରେନ୍ଦ୍ର ମହାପାତ୍ର, ମହୋତ୍ସବ ବଜାର କମିଟି ସଭାପତି ଅଜିତ୍ କୁମାର ପଣ୍ଡା, ବାପି ସାମଲ ପ୍ରଭୃତି ସମସ୍ତ ପୂଜା କମିଟିର ସଭାପତି , ସଂପାଦକ ଯୋଗଦାନ କରି ସେମାନଙ୍କର ମତାମତ ରଖିଥିଲେ ।

# ଶିକ୍ଷାବିତଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ



ଯାଜପୁର,୫।୧୦(ପ୍ରବାହ ନ୍ୟୁଜ): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତର ଯେନାଡିଆ (ବଂଶିପୁର) ର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ହରେକୃଷ୍ଣ ମଲ୍ଲିକଙ୍କର ବିୟୋଗରେ ଆଜି ତାଙ୍କ ବାସଭବନ ଠାରେ ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପ୍ରଥମେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।ତା ପରେ ସଙ୍ଗିତଜ୍ଞ ବିଷ୍ଣୁ ମଲ୍ଲୀକଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ଅତିଥି ମାନଙ୍କ ମଧ୍ୟରେ ବିଧାୟିକା ପ୍ରମିଳା ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଞ୍ଜିନିୟର ସୁଶାନ୍ତ କୁମାର ମିଶ୍ର, ଦିଲ୍ଲୀପ କୁମାର ରାଉଳ, ନିରଞ୍ଜନ ପାତ୍ର, ପୂର୍ବତନ ଶିକ୍ଷକ ଅର୍ଜ୍ଜନ ଚରଣ ରାଉତ, ଶିକ୍ଷାବିତ ନିତ୍ୟାନନ୍ଦ ସାମଲ, କବି ସନ୍ତୋଷ କୁମାର ବେଉରିଆ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ଆଟୋଇ, ଶିକ୍ଷକ ନେତା ଭରତ ଚନ୍ଦ୍ର ନାୟକ, ଅଧ୍ୟାପକ ଡ଼ଃ ଚତୁର୍ଭୁଜ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହରେକୃଷ୍ଣ ମଲ୍ଲିକଙ୍କର ଉପରେ ବହୁ କଥା ଆଲୋଚନା କରିଥିଲେ ଯେ ସେ ଏକାଧାରରେ ଶିକ୍ଷକ, ସମାଜସେବୀ, ପରୋପକାରୀ, ଧର୍ମନୁରାଗୀ ଏବଂ ଅନୁଷ୍ଠାନ ପ୍ରେମୀ ଥିଲେ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅକ୍ଷୟ କୁମାର ସେଠୀ, କମଳାକାନ୍ତ ପଣ୍ଡା, ରାଜେନ୍ଦ୍ର ସାମଲ, ଶିକ୍ଷାବିତ ବସନ୍ତ କୁମାର ସେଠୀ, କବୀ ରମାକାନ୍ତ ନାୟକ, କୁଳମଣି ମଲୀକ, ନରହରି ମଲୀକ, କନ୍ୟା ପୁଷ୍ପଲତା ମଲୀକ, ଅଶୋକ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, କୃଷକ ନେତା ନିତ୍ୟାନନ୍ଦ ରାଉତ, କବି ମହେନ୍ଦ୍ର ବାରିକ, ପ୍ରଫୁଲ୍ଲ ମହାକୁଡ଼, କ୍ଷେତ୍ରବାସୀ ଯେନା, ରାମଚନ୍ଦ୍ର ମଲ୍ଲୀକ, କବି ଶିଶିର ଦାସ ପ୍ରମୁଖ ଯୋଗଦେଇ ଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ କୁ ପୁତ୍ର ଦେବେନ୍ଦ୍ର କୁମାର ମଲ୍ଲିକ, ନରେନ୍ଦ୍ର, ପ୍ରଶାନ୍ତ, ସୁବୋଧ, ସୁବାସ ଏବଂ ବନ୍ଧୁ ବର୍ଗ ସମସ୍ତେ ଯୋଗଦେଇ ସହଯୋଗ କରିଥିଲେ।

## ସମାଜସେବୀ ତଥା ବୈଦ୍ୟୁତିକ କାରିଗରଙ୍କ ପରଲୋକ

ବାଙ୍କୀ,୫।୧୦(ପ୍ରବାହ ନ୍ୟୁଜ):ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ପାଟପୁର ଗ୍ରାମର ଜଣେ ସୁନାମଧନ୍ୟ ସମାଜସେବୀ ତଥା ବୈଦ୍ୟୁତିକ କାରିଗର ପ୍ରଫୁଲ୍ଲଚନ୍ଦ୍ର ଦାଶଙ୍କର ୭୫ ବର୍ଷ ବୟସରେ କିଡିନ୍ ଜନିତ ରୋଗରେ ପିଡିତ ହୋଇ ଦେହାନ୍ତ ହୋଇଛି । ସେ ପାଟପୁର, ଗୋପାଳପୁର ତଥା ବାଙ୍କୀର ବିଭିନ୍ନ ଅଞ୍ଚଳରେ ଜଣେ ସୁନାମ ଧନ୍ୟ ମିସ୍ତ୍ରୀ ଭାବରେ ପରିଚିତ ଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମରେ ନିଆଯାଇ ନିକଟସ୍ଥ ଗ୍ରାମ୍ୟ ଶ୍ମଶାନରେ ଶବସତ୍କାର କରାଯାଇଛି । ମୃତ୍ୟୁ ବେଳକୁ ତାଙ୍କ ପାଖରେ ଧର୍ମପତ୍ନୀ, ପୁଅ, ବୋହୂ, କକେଇ ସୁଦର୍ଶନ ଦାସ, ଭାଇ ମନୋଜ କୁମାର ଦାଶ ଓ ଉଭଣୀ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଜ୍ୟେଷ୍ଠପୁତ୍ର ସମରେନ୍ଦ୍ର କୁମାର ଦାଶ ମୁଖାଗ୍ନି ପ୍ରଦାନ କରିଥିଲେ । ତାଙ୍କର ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବ୍ଲକ କିଆପଲ୍ଲୀ ଗ୍ରାମ ପଞ୍ଚାୟତରେ ହୋଇଥିବା ଦୁର୍ନିତିର ତଦନ୍ତ କରିବାକୁ କଂଗ୍ରେସ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର




ବାଙ୍କୀ,୫।୧୦(ପ୍ରବାହ ନ୍ୟୁଜ):ବାଙ୍କୀ ବ୍ଲକ କିଆପଲ୍ଲୀ ଗ୍ରାମ ପଞ୍ଚାୟତରେ ହୋଇଥିବା ବ୍ୟାପକ ଦୁର୍ନିତି ପ୍ରତିବାଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କୁ କଂଗ୍ରେସ ତରଫରୁ ଦାବିପତ୍ର ଦିଆହୋଇଛି । ଏହି ପଞ୍ଚାୟତରେ ପଞ୍ଚାୟତ ଭବନ, କଲ୍ୟାଣମଣ୍ଡପ, ପୋଖରୀ , ନୂଆଗାଁ ସ୍କୁଲ ଆଦିରେ ମାତ୍ର ୨୦ପ୍ରତିଶତ କାମ କରି ଶତପ୍ରତିଶତ ବିଲ୍ କରି ଟଙ୍କା ଉଠେଇ ନେଇଥିବା ଜଣାପଡିଛି । ସେହିପରି ନରଣପୁର ରାସ୍ତା, ନରଣପୁର ସ୍କୁଲ ନିକଟସ୍ଥ ଶନିମନ୍ଦିର ଅତି ନିମ୍ନମାନର ହେବା ସହ ୨୦ପ୍ରତିଶତରୁ କମ୍ କାମ କରି ଶତପ୍ରତିଶତ ବିଲ୍ ଉଠେଇ ନେଇଥିବା ଜଣାପଡିଛି । ବ୍ଲକ ଅଧ୍ୟକ୍ଷଙ୍କ ସଂପର୍କୀୟ ସରକାର ରାସ୍ତାକୁ ଜବରଦଖଲ କରି ଦୁଇ ମହଲା ପକ୍କା ଘର କରିବା ସହିତ ତାଙ୍କ ଫାର୍ମ ହାଉସରେ ବ୍ଲକ ଟଙ୍କାରେ ବୋରୱେଲ୍ ନିର୍ମାଣ କରି ଅର୍ଥ ହଡପ କରିଥିବା ଅଭିଯୋଗ ହୋଇଛି । କିଅପଲ୍ଲୀ ଗ୍ରାମବାସୀଙ୍କ ସମେତ କଟକ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସଂପାଦକ ଦେବେନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ରାଜକିଶୋର ସାହୁ, ଲକ୍ଷ୍ମୀଧର ଜେଠୀ, ଆନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ ଓଡ଼ିଶା, ପଞ୍ଚାୟତରାଜ ଓଡ଼ିଶା, ମୁଖ୍ୟଶାସନ ସଚିବ, କଟକ ଜିଲ୍ଲାପାଳ ଓ କଟକ ଏସ୍.ପି.ଙ୍କୁ ପ୍ରଦାନ କରାଯାଇଛି ।

# ଅନନ୍ୟା ସାହିତ୍ୟ ସଂସଦର ଶାରଦୀୟ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ

ଯାଜପୁର ,୫।୧୦(ପ୍ରବାହ ନ୍ୟୁଜ): ରବିବାର ସନ୍ଧ୍ୟା ୬ ଘଟିକା ସମୟରେ ବିରଜା ମନ୍ଦିର ପରିସରରେ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ପ୍ରସ୍ତୁତି ବୈଠକରେ ମା ବିରଜାଙ୍କ ଶାରଦୀୟ ପୁଜା ଓ ରଥ ଯାତ୍ରା ଅବସରରେ ମହା ସପ୍ତମୀ ଅକ୍ଟୋବର ୧୭ ତାରିଖ ଠାରୁ ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ତ୍ରିଦିବସୀୟ ଅନନ୍ୟା ବକ୍ତୃତା ମାଳ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟାଳୟ ଓ ମହା ବିଦ୍ୟାଳୟ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗୀତା ବିଭିନ୍ନ ଦିବସରେ ଅନୁଷ୍ଠିତ ହେବ । ବିରଜା ସଂସ୍କୃତି ଗବେଷଣା ପରିଷଦ ଆନୁକୁଲ୍ୟରେ ବିରଜା ସମ୍ମାନପ୍ରଦାନ ଓ ଜଗତର କଲ୍ୟାଣ ନିମନ୍ତେ ସମୂହ ଦୀପ ଦାନ କରାଯିବ । ବିରଜାଙ୍କ ଦଶହରା ଅବସରରେ ଅକ୍ଟୋବର ୨୦ ତାରିଖ ପୂର୍ବାହ୍ନରେ ବିଜୟା ମିଳନ ମହୋତ୍ସବ, କବି ସମ୍ମିଳନୀ ଓ କବିତା ପାଠ ଉତ୍ସବ ଏବଂ ଅନନ୍ୟା ର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଉକ୍ତ ବୈଠକ ରେ ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ସମ୍ପାଦକ ଡକ୍ଟର କାହ୍ନୁ ଚରଣ ମିଶ୍ର,ସଂଗଠନ ସମ୍ପାଦକ ହୃଷୀକେଶ ପତି, ଡକ୍ଟର ଗିରିଶ ବିହାରୀ ମିଶ୍ର, ଅଧ୍ୟକ୍ଷ ଅଭିଳାଷ ଦାସ, ସୁବାଷ ଚନ୍ଦ୍ର ମହାପାତ୍ର,ଡକ୍ଟର ହରିଶ୍ ଚନ୍ଦ୍ର ପଣ୍ଡା, ମୀନକେତନ ସାହୁ, ପ୍ରଫେସର ବଳରାମ ମହାନ୍ତି, ଅବସର ପ୍ରାପ୍ତ ଅଧ୍ୟକ୍ଷ ଅନିଲ କୁମାର ମହାନ୍ତି ଯୋଗ ଦେଇଥିଲେ । ଶେଷରେ ଆଦିତ୍ୟ ନାରାୟଣ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଗାଈଗୋରୁଙ୍କୁ ଚୁକ୍ତି ଅନୁଯାୟୀ ଥଇଥାନ କେବେ ?



ଫୁଲବାଣୀ ,୫।୧୦(ପ୍ରବାହ ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମା ର ହଜାର ହାଜର ବୁଲା ଗାଇ ଥଇଥାନ ପାଇଁ ଯେଉଁ ପଦକ୍ଷେପ ନିଆ ଯାଉଛି ତାହା ସଫଳ ହେଉ ନାହିଁ ! ଗାଈଗରୁ ଙ୍କୁ ନେଇ ସହର ବାହାରକୁ ମୁନିସିପାଲିଟି ଛାଡିଲେ ବି ଦୁଇଦିନପରେ ଗାଇ ସହରକୁ ଫେରି ଆସୁଛି ! ଗୋଟାଏ ଲୋକ ନିୟୋଜିତ ହେଇ ଖାସ ଗାଈଘଉଡ଼ାଇବା ପାଇଁ ବାର୍ଷିକ ୫୪ ହଜାର ଟଙ୍କା ନେଇ କାମ କରୁଥିଲେବି ଗୋଟିଏ ସାହିରୁ ଅନ୍ୟ ସାହିକୁ ଚାଲି ଯାଉଛନ୍ତି ! ସଫଳ ନ ହେବାରୁ ଏହିସମସ୍ୟା କୁ ଦୂର କରିବା ପାଇଁ ସଙ୍କରା ଖୋଲ ସ୍ଥିତ ଗାଇ ଗୁହାଳ ତଥା ଗାଇ ଫାର୍ମ 'ସମ୍ପର୍କ ' ସହ ମୁନିସିପାଲିଟି ଚୁକ୍ତି କରିଛି ! ଫୁଲବାଣୀ ସହର ର ର ସବୁ ବୁଲା ଗାଇକୁ ରଖିବା, ଖାଇବାକୁ ଦେବା ଓ ସେମାନଙ୍କର ଯତ୍ନ ନେବା ନେଇ ଚୁକ୍ତି ହୋଇଥିଲା! ପ୍ରଣୀ ବିଭାଗ ଗାଇ ଗରୁ ରଖିବା ଓ ଫାର୍ମିଙ୍ଗ ପାଇଁ ୧୮ ଲକ୍ଷ ଟଙ୍କା ମଂଜୁର କରିଥିଲେ ! ଗୁହାଳ ଘର ଓ ହତା ନିର୍ମିତ ହୋଇଛି ! ତେବେ ଚୁକ୍ତି ହେବାର ତିନିମାସ ବିତିଯାଇଥିଲେ ମଧ୍ୟ ଫୁଲବାଣୀର ବୁଲା ଅମାନିଆ ଗାଇକୁ ନେଇ ମୁନିସିପାଲିଟି ଶଙ୍କରାଖୋଲ ର ସମ୍ପର୍କ ଗୋଶାଳା ଓ ଫାର୍ମ ରେ ଛାଡି ବା କଥା କିନ୍ତୁ ଏଯାଏଁ ଛଡା ଗଲା ନାହିଁ ! ବିଳମ୍ବର ରହସ୍ୟ ଜଣା ପଡୁ ନାହିଁ ! ଫଳରେ ଫୁଲବାଣୀ ରେ ଟ୍ରାଫିକ ସମସ୍ୟା ଉକ୍ଟ ହେବାରେ ଲାଗିଛି ! ଗାଈଗରୁ ସହର ର ୩୦ ଟି ଛକରେ ଓ ଗଳି କନ୍ଦିରେ ଘୁରି ବୁଲି ଲୋକଙ୍କୁ ମାରୁଛନ୍ତି ଓ ମୁକୁଳା ଡ୍ରେନରେ ପଡୁଛନ୍ତି ! ଗାଈଗରୁ କୁ ତୁରନ୍ତ ଶଙ୍କରାଖୋଲ ସ୍ଥାନାନ୍ତର କରାଯିବାକୁ କ୍ଷିପ୍ର ନ୍ୟାୟିକ ମଞ୍ଚ ଓ ଅନ୍ୟାନ୍ୟ ସମାଜ ସେବୀ ଅନୁଷ୍ଠାନ ଜିଲ୍ଲା ପାଳଙ୍କ ଠାରେ ଦାବୀ କରିବେ ବୋଲି ପ୍ରତିଷ୍ଠାତା ସଭ୍ୟ ଏମ ଡି ଜିଆଉଦ୍ଦିନ,, ସଭାପତି ସନ୍ତୋଷ କୁମାର ଡିଗଲ, ସମ୍ପାଦକ ତଥା ଆଇନଜୀବୀ ତୁଷାର କାନ୍ତ ନାୟକ, ପୂର୍ବତନ ସରକାରୀ ଓକିଲ ସୌମେନ୍ଦ୍ର କୁମାର ସାହୁ, ବିଶିଷ୍ଟ ସମାଜ ସେବୀ ଅଶୋକ କୁମାର ପରିଡା ପ୍ରକାଶ କରିଛନ୍ତି !

# ଜନଶୁଣାଣି ଶିବିର, ୧୧୫ ଅଭିଯୋଗ ଗ୍ରହଣ



ବ୍ରହ୍ମପୁର,୫।୧୦(ପ୍ରବାହ ନ୍ୟୁଜ): ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଶୁଣାଣି କରି ତ୍ୱରିତ ସମାଧାନ ନିମନ୍ତେ ଆଜି ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୧୧୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୮୫ଟି ବ୍ୟକ୍ତିଗତ ସମସ୍ୟା ଏବଂ ୧୫ଟି ଗ୍ରାମସ୍ତରୀୟ ସମସ୍ୟା ସମ୍ପର୍କିତ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୪ଟି ଆବେଦନ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଜନଶୁଣାଣୀରେ ଜଣେ ଦୃଷ୍ଟିବାଧିତ ହିତାଧିକାରୀଙ୍କୁ ଇଲେକ୍ଟ୍ରୋନିକ୍ ଧଳା ବାଡ଼ି ପ୍ରଦାନ କରାଯାଇଥିଲା କ୍ଷ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ବ୍ରହ୍ମପୁର ଡିଏଫ୍‌ଓ ସନ୍ନି ଖୋଖର ,ବିଏମ୍‌ସି କମିଶନର ଆକବରମ ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡ଼ିକୁ ତର୍ଜମାକରି ତ୍ୱରିତ ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।






# ଡିସେମ୍ବର ଓଡ଼ିଶାରେ ହେବ କ୍ରୀଡା ର ମହାକୁମ୍ଭ, ଭାଗନେବେ ଦେଶର କ୍ରୀଡାବିତ

ବ୍ରହ୍ମପୁର,୫।୧୦(ପ୍ରବାହ ନ୍ୟୁଜ): ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆପଣଙ୍କ ନିକଟରେ କେତେ ଧନ ସମ୍ପତ୍ତି ଥାଉ ଆପଣ କେତେ ବଡ଼ ପ୍ରତିଭାଶାଳୀ ଓ କ୍ଷମତାଶାଳୀ ବ୍ୟକ୍ତି ହୋଇଥାଇ ପାର। କିନ୍ତୁ ସ୍ୱାସ୍ଥ୍ୟ ଯଦି ଠିକ୍ ନୁହେଁ ତେବେ ଏହା ସବୁ ବେକାର। ସୁସ୍ଥ ଶରୀର ଓ ନିରାମୟ ଜୀବନ ବର୍ତ୍ତମାନ ଯୁଗରେ ନିତାନ୍ତ ଆବଶ୍ୟକ। ଅତୀତରେ ମୋବାଇଲ ଇଣ୍ଟରନେଟ ଠାରୁ ଦୂରରେ ରହି ସାଙ୍ଗସାଥୀ ମେଳରେ ଶୃଙ୍ଖଳିତ ଜୀବନଯାପନ ଅତିବାହିତ ହେଉଥିଲା। ବର୍ତ୍ତମାନ ତାହା ଆଉ ଦେଖିବାକୁ ମିଳେ ନାହିଁ। ପୂର୍ବରୁ ଦେଖିବାକୁ ମିଳୁଥିବା ଅଧିକାଂଶ ଖେଳ କସରତ ଆଦି ଲୁପ୍ତପ୍ରାୟ। ସେହି ଲୁପ୍ତପ୍ରାୟ ଖେଳକୁଦ ଓ ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସୁଯୋଗ ଦେବାର ପ୍ରୟାସ ଆରମ୍ଭ କରିଛି ଅଲ୍ ଓଡ଼ିଶା ଜିମ ଆସୋସିଏସନ୍। ଆସୋସିଏସନ୍ ପକ୍ଷରୁ ବ୍ରହ୍ମପୁର ଗୋକୁଳଧାମ ସ୍ଥିତ ଟାଇଟନ




ଟ୍ରାକ ଜିମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା।ଆସନ୍ତା ଡ଼ିସେମ୍ବର ୪ ରୁ ୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡା ଖେଳ ପଡିଆ ଠାରେ ଜାତୀୟ ସ୍ତରୀୟ ବୃହତ ସ୍ପୋର୍ଟସ ଫେଷ୍ଟିଭାଲ ର ଆୟୋଜନ କରାଯିବ। ଏହି ଦିନ ମାନଙ୍କରେ ମାଟି କୁସ୍ତି, ବକ୍ସିଂ, ମାରାଥନ, ବଡିବିଲ୍ଡିଂ ସମେତ ଅଲମ୍ପିକ୍ସ ଓ ନନ୍ ଅଲମ୍ପିକ୍ସ ଖେଳ ଆୟୋଜନ ହେବ।ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଦେଶର ସବୁ ଜାଗାର ପ୍ରତିଯୋଗିଙ୍କୁ ଏକାଠି କରିବା ସଂଘ ର ଲକ୍ଷ୍ୟ। ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଲକ୍ଷାଧିକ ଟଙ୍କା ପୁରସ୍କୃତ କରି ସମ୍ମାନିତ କରି ଆନ୍ତର୍ଜାତୀୟ ସ୍ତରରେ ସୁଯୋଗ ଦେବାର ମୂଳ ଲକ୍ଷ୍ୟ। ଏବଂ ଉତ୍କଳର ଗର୍ବ କୁ ପ୍ରତିପାଦିତ କରି ଏହି କ୍ରୀଡା ମହାକୁମ୍ଭ କୁ ଉତ୍କଳ କେଶରୀ ନାମରେ ନାମିତ କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କ୍ରୀଡା ଜଗତର ଶ୍ରେଷ୍ଠ ତାରକା ଅଲିମ୍ପିଆନ ଦୁତି ଚାନ୍ଦ, ସାଧାରଣ ସମ୍ପାଦକ ଦ୍ୱିତୀକୃଷ୍ଣ ବେହେରା, ରାନୁ ମହାନ୍ତି, ଭବାନୀ ଶଙ୍କର ସାହୁ, ଯୁଗ୍ମ ସମ୍ପାଦିକା ରାମେଶ୍ୱରୀ ନନ୍ଦଙ୍କ ସମେତ ବହୁ ପ୍ରତିଭାମାନ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ। ମୁଖ୍ୟ ଆକର୍ଷକ ଦୁତି ଚାନ୍ଦ କହିଥିଲେ ସମସ୍ତ କ୍ରୀଡା ପ୍ରତିଯୋଗିଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବା ଓ ଶାରୀରିକ ସୁସ୍ଥତା ତଥା କ୍ରୀଡ଼ା ପ୍ରତି ଆଗ୍ରହ ବଢାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାରେ ଥିବା ପାଖାପାଖି ୨୦୦୦ ଜିମ ଏବଂ ଓଡ଼ିଶାବାସୀଙ୍କ ଭଲପାଇବା ଓ ସେମାନଙ୍କ ଆର୍ଶୀବାଦରୁ ଏହା ସଫଳ ହେବ ବୋଲି ପ୍ରକାଶ କରିଛନ୍ତି।

# କାଳିମେଳା ଥାନା ପକ୍ଷରୁ ବଡ଼ ଧରଣର ଗଞ୍ଜେଇ ଜବତ

କାଳିମେଳା,୫।୧୦(ପ୍ରବାହ ନ୍ୟୁଜ): ଆଜି ପୁଣି ଥରେ ମାଲକାନଗିରି ଜିଲ୍ଲା କାଳିମେଳା ଥାନା ପୋଲିସ ପକ୍ଷରୁ ଏକ ବଡ଼ ସଫଳତା ହାସଲ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କାଳିମେଳା ପୋଲିସ ଭେଙ୍କଟପାଲମ ଜଙ୍ଗଲ ନିକଟରେ ଏକ ସ୍ୱତନ୍ତ୍ର ଗଞ୍ଜେଇ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ପ୍ରାୟ ୩୦୦ କେଜି ଗଞ୍ଜେଇ ଠାବ କରାଯାଇଛି। ଏହି ଗଞ୍ଜେଇକୁ ମାଫିଆମାନେ ଜଙ୍ଗଲରେ ଡମ୍ପ କରି ରଖିଥିଲେ। ଏହି ଜବତ କାର୍ଯ୍ୟ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏବଂ ଅନ୍ୟ ସରକାରୀ ଅଧିକାରୀ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ କରାଯାଇଛି। ସମସ୍ତ ନିୟମ ଅନୁଯାୟୀ ଗଞ୍ଜେଇକୁ ଜବତ କରାଯାଇଛି। ଏହି ଘଟଣାରେ କାଳିମେଳା ଥାନା କେସ ନମ୍ବର ୨୪୧/ ୨୦୨୬, ତାରିଖ ୦୩.୧୦.୨୦୨୬, ଧାରା



୨୦(ବି)(ସସ)ସି ଘଉଚଝ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତକୁ ଗିରଫ କରାଯାଇ ନାହିଁ। ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି ଯେ ଏହି ଗଞ୍ଜେଇ ଚାଲାଣ ପଛରେ ପଡ଼ୋଶୀ ରାଜ୍ୟର ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଗ୍ୟାଙ୍ଗ ଜଡ଼ିତ ଅଛନ୍ତି। ମାଲକାନଗିରି ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରୁ ବିପୁଳ ପରିମାଣରେ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଛି। ପୋଲିସ ଏହି ନେଟୱାର୍କକୁ ଧରିବା ପାଇଁ ଅଧିକ ତଦନ୍ତ କରୁଛି। କାଳିମେଳା ପୋଲିସର ଏହି ବଡ଼ ଧରଣର ଜବତ ପାଇଁ ସାଧାରଣରେ ପ୍ରଶଂସା କରାଯାଉଛି।

# ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଷୋଳପୂଜା ଆରମ୍ଭ




ନୟାହାଟ ,୫।୧୦(ପ୍ରବାହ ନ୍ୟୁଜ): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ସର୍ବ ଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ ପରିସରରେ ଅଧିଷ୍ଠାତ୍ରୀ ଦେବୀ ମା 'ଶ୍ୟାମକାଳୀ ଓ ଦକ୍ଷିଣକାଳୀ ଙ୍କ ପବିତ୍ର ଷୋଳପୂଜା ଆଶ୍ରମ ର ମୁଖ୍ୟ ବାବାଜୀ ଦାମୋଦର ଦାସ ଙ୍କ ତତ୍ୱାବଧାନରେ ଗତକାଲି ଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷ ରୁ ପବିତ୍ର ପ୍ରାଚୀନଦୀ ରୁ ଜଳ ଅଣାଯାଇ ମା'ଙ୍କ ମହାସ୍ନାନ ପର୍ବ କରାଯାଇଥିଲା। ସୂର୍ଯ୍ୟ ପୂଜା, ଗୋ ମାତା ପୂଜା,ପରେ ମା'ଙ୍କୁ ଷୋଡଶ ଉପଚାର ରେ ପୂଜା ଅର୍ଚ୍ଚନା କରାଯାଇଛି । ସକାଳୁ ପହିଲି ଭୋଗ, ଦିନରେ ରାଜ ଭୋଗ ଓ ରାତ୍ର ରେ ପଣା ଭୋଗ ଲାଗି ହୋଇଥାଏ ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଏଠାରେ ଗୋଟିଏ ଛାତ ତଳେ ମା 'ଦକ୍ଷିଣକାଳୀ ଓ ଶ୍ୟାମକାଳୀ ପୂଜା ପାଉଛନ୍ତି। ଅଂଚଳ ର ବହୁ ଭକ୍ତ ମା'ଙ୍କ ଦର୍ଶନ କରି କୃପା ଭିକ୍ଷା କରୁଥିବାଦୃଶ୍ୟ ଦେଖିବାକୁ ମିଳୁଛି।ମା 'ଙ୍କ ପ୍ରସାଦ ପାଇବା ପାଇଁ ଭକ୍ତ ଙ୍କ ଭିଡ ଜମୁଛି।ଏହି ପୂଜା ରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ନିଜ ନିଜ ର ଦାୟିତ୍ୱ ସମ୍ପନ୍ନ କରିଥାନ୍ତି। ଏହା ଅଷ୍ଟମୀ ଦିନ ଯାଏ ଚାଲୁ ରହିବ ବୋଲି ଜଣାଯାଇଛି।

# କଇଁଚର ଜୀବନ ପାଇଁ କୁନି ଝିଅର ମାନବିକ ଉଦ୍ୟମ
# ରାସ୍ତାରୁ କଇଁଚ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର

ମାଲକାନଗିରି, ୫/୧୦: ବନ୍ୟଜନ୍ତୁଙ୍କ ପ୍ରତି ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ସମ୍ବେଦନଶୀଳତା ଓ ସଚେତନତା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରାସ୍ତା ଉପରେ ଚାଲୁଥିବା ଏକ କଇଁଚକୁ ଦେଖି ତାହାର ସୁରକ୍ଷା ପାଇଁ ଚିନ୍ତା ପ୍ରକଟ କରିବା ସହ ଏହାକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି ଛାତ୍ରୀ କ୍ରିତିକା ଚୌଧୁରୀ ଓ ତାଙ୍କ ପରିବାର। କ୍ରିତିକା ଚୌଧୁରୀ ସୁକୁମା କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ। ସୋମବାର ପାଠପଢ଼ା ସାରି ସୁକୁମାରୁ ମାଲକାନଗିରି ଘରକୁ ଫେରୁଥିବା ସମୟରେ ଅନ୍ତଃରାଜ୍ୟ ରାଜପଥର ଏକ ସ୍ଥାନରେ ରାସ୍ତା ଉପରେ ଏକ କଇଁଚ ଚାଲୁଥିବା ଦେଖିଥିଲେ। କଇଁଚଟି ରାସ୍ତା ଉପରେ ରହିଲେ ଯାନବାହନ ଚାପି ଦେଇପାରେ, ଏପରିକି ବୁଲା କୁକୁରଙ୍କ ଦ୍ୱାରା ମଧ୍ୟ ଏହା କ୍ଷତିଗ୍ରସ୍ତ ହୋଇପାରେ ବୋଲି ସେ ତାଙ୍କ ବାପାଙ୍କୁ କହିଥିଲେ। ଏଥିସହ ନିକଟସ୍ଥ ବସ୍ତିର ଲୋକମାନେ ଏହାକୁ ଧରି ମାରି ମାଂସ ଖାଦ୍ୟ ଭାବେ ବ୍ୟବହାର କରିଦେବାର ଆଶଙ୍କା ମଧ୍ୟ ପ୍ରକାଶ କରିଥିଲେ। ତେଣୁ କଇଁଚଟିକୁ ତାହାର ପ୍ରାକୃତିକ ବାସସ୍ଥଳୀକୁ



ନେଇ ଛାଡ଼ିଦେବା ପାଇଁ ବାପାଙ୍କୁ ଅନୁରୋଧ କରିଥିଲେ। କ୍ରିତିକାଙ୍କ ବାପା ନିଜେ ଜଣେ ପ୍ରାଣୀ ସଂରକ୍ଷକ ଓ ପ୍ରାଣୀପ୍ରେମୀ ହୋଇଥିବାରୁ ଝିଅର ଏହି ମନୋଭାବକୁ ସମର୍ଥନ କରିଥିଲେ। ତାଙ୍କ ସହଯୋଗରେ କଇଁଚଟିକୁ ରାସ୍ତାରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ମାଲକାନଗିରି ବନାଞ୍ଚଳ ଅଧିକାରୀ ଶ୍ରୀ ରମେଶ କୁମାର ରାଉତଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ସମୟରେ କ୍ରିତିକାଙ୍କ ବଡ଼ ଭଉଣୀ ଆନନ୍ଦମୟୀ ଚୌଧୁରୀ ମଧ୍ୟ ତାଙ୍କ ସହ ମାଲକାନଗିରି ବନାଞ୍ଚଳ କାର୍ଯ୍ୟାଳୟକୁ ଯାଇଥିଲେ। କଇଁଚକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଥିବାରୁ ବନାଞ୍ଚଳ ଅଧିକାରୀ ରମେଶ କୁମାର ରାଉତ କ୍ରିତିକା ଓ ତାଙ୍କ ପରିବାରକୁ ଧନ୍ୟବାଦ ଓ ସାଧୁବାଦ ଜଣାଇଛନ୍ତି। ଏଥିସହ ରାସ୍ତାରେ କିମ୍ବା ଜନବସତି ନିକଟରେ କୌଣସି ବନ୍ୟଜନ୍ତୁ ଦେଖିଲେ ନିଜେ କ୍ଷତି ନକରି ନିକଟସ୍ଥ ବନବିଭାଗ କାର୍ଯ୍ୟାଳୟକୁ ସୂଚନା ଦେବା କିମ୍ବା ହସ୍ତାନ୍ତର କରିବାକୁ ସେ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ଜଣେ ଛୋଟ ଛାତ୍ରୀଙ୍କ ଏଭଳି ପ୍ରାଣୀପ୍ରେମ ଓ ବନ୍ୟଜନ୍ତୁ ସୁରକ୍ଷା ପ୍ରତି ସଚେତନତା ଅନ୍ୟମାନଙ୍କ ପାଇଁ ମଧ୍ୟ ଏକ ସକାରାତ୍ମକ ବାର୍ତ୍ତା ଦେଇଛି।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି
# ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଏକଦଫା ଦାବି

ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ନେତୃତ୍ୱରେ ଏକଦଫା ଦାବି ନେଇ ତା ୨୨/୦୯/୨୦୨୬ ରିଖ ଶ୍ରୀକ୍ଷେତ୍ର ପୁରୀରୁ ଏକାମ୍ରକ୍ଷେତ୍ର ଅଭିମୁଖେ ବାହାରିଥିବା ପଦଯାତ୍ରା ତା ୨୬/୦୯/ ୨୦୨୬ ରିଖରେ ଏକାମ୍ର କ୍ଷେତ୍ରରେ ପ୍ରବେଶ କରି ଲୋୟର ପିଏମଜିରେ ପହଁଞ୍ଚିଥିଲେ। ପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ କ୍ରମେ ମାନ୍ୟବର ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ,ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ମହାକାଳପଡାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମହୋଦୟ ମାନେ ସଂଘର ସମାବେଶ ସ୍ଥଳକୁ ଆସି ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ସାନ୍ତ୍ୱନା ଦେଇଥିଲେ । ପରବର୍ତ୍ତୀ ସମୟରେ ମାନନୀୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ କଳିଙ୍ଗ ଷ୍ଟାଡିୟମସ୍ଥିତ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବାବୁ ସିଂ, ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ, ଶ୍ରୀଯୁକ୍ତ ଦୁର୍ଗା ପ୍ରସନ୍ନ ନାୟକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା କରିଥିଲେ ଏବଂ ସନ୍ତୁଷ୍ଟି ମୂଳକ ଆଲୋଚନା ପରେ ୨୦୦୮-୨୦୧୮ ଅନୁଦାନ ନିମନ୍ତେ ପଥ ପରିଷ୍କୃତ ହୋଇଥିଲା ତେଣୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଏହି ଭବ୍ୟ ପଦଯାତ୍ରାରେ ଯେଉଁ ମହାନୁଭବ ମାନେ ଯବନିକା ଟାଣିଥିଲେ ସେମାନଙ୍କୁ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ ଏକାମ୍ର ଶ୍ରୀଯୁକ୍ତ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ ଏବଂ ମହାକାଳପଡାର ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ପ୍ରସନ୍ନ ନାୟକ ମହୋଦୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସଙ୍ଘର ସଭାପତି ଶ୍ରୀଯୁକ୍ତ ବିଶ୍ୱରଂଜନ ଦାସ ସମ୍ବର୍ଦ୍ଧିତ କରିଛନ୍ତି। ଆଜିର ଏହି ସମ୍ବର୍ଦ୍ଧନାପର୍ବ ଅବସରରେ ସଙ୍ଘର ଆବାହକ ନିଲୁ ନାୟକ, ନୟାଗଡ଼ ଜିଲ୍ଲାର ଜିଲ୍ଲା ସଂଯୋଜକ ଦେବାଶିଷ ମହାପାତ୍ର,କଟକର ବ୍ୟବସ୍ଥା ପ୍ରମୁଖ ଲିତାରାଣୀ ପ୍ରଧାନ, ହେମନ୍ତ କୁମାର ବାରିକ, ଜାହ୍ନବୀ ପଟ୍ଟନାୟକ,ରୂପାଲି ପଟ୍ଟନାୟକ ଏବଂ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂଘର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଗଜପତି ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବ୍ରହ୍ମପୁର ସାଂସଦ

ପାରଳାଖେମୁଣ୍ଡି,୫।୧୦(ପ୍ରବାହ ନ୍ୟୁଜ):ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗଜପତି ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସକାଶେ ଚିଠି ଲେଖିଛନ୍ତି। ଏହା ଭିତରେ ପାରଳାଖେମୁଣ୍ଡି ସହରର ବିକାଶ ପାଇଁ ୨୦୦ ଦୋକାନ ବିଶିଷ୍ଟ ଗୋଟିଏ ବଡ ଆଧୁନିକ ମାର୍କେଟ କମ୍ପ୍ଲେକ୍ସ , ରିଙ୍ଗ ରୋଡ ଓ ବାଇପାସ୍ ରୋଡ୍ , ରାମସାଗର , ସୀତା ସାଗର ଓ କୃଷ୍ଣସାଗରର ଉନ୍ନତିକରଣ , ସର୍ବପୁରାତନ ଗଜପତି ରାଜବାଟୀର ପୁନରୁଦ୍ଧାର ଓ ପୁନର୍ନିର୍ମାଣ , ପାରଳାଖେମୁଣ୍ଡି ରେଳଷ୍ଟେସନକୁ ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ନାମକରଣ ଏବଂ ପାରଳାଖେମୁଣ୍ଡି ପୌରପରିଷଦରେ ଖାଲିଥିବା ଇଂଜିନିୟରିଂ ବିଭାଗର ପଦବୀ ସମ୍ପୂର୍ଣ୍ଣ କରିବାପାଇଁ ଲେଖିଛନ୍ତି।



ଏଥିସହ ଗଜପତି ଜିଲ୍ଲାର ସାର୍ବଜନୀନ ବିକାଶମୂଳକ ଭିତରେ ଗୁମ୍ମା ବ୍ଲକର ତରଂଗଡା ପଂଚାୟତର ଅମ୍ବାଜରୀ ଠାରୁ ଟୁମୁଲସିଂ ରାସ୍ତା ନିର୍ମାଣ , ଗୁମ୍ମା ବ୍ଲକର ଅନୁକୁଣ୍ଡାଗୁଡା ପଂଚାୟତର ନାମନଗଡ ଠାରୁ ସୁରାଙ୍ଗି ଆରଡି ରାସ୍ତା ନିର୍ମାଣ , ଗୁମ୍ମା ବ୍ଲକର ତରଭା ପଂଚାୟତର ଆଶ୍ରୟ ଗଡ ଠାରୁ ବିନୁମୁଡା ବିଟି ରାସ୍ତା ନିର୍ମାଣ , ଗୋଷାଣି ବ୍ଲକର କେରାଣ୍ଡି ପଂଚାୟତର କେରାଣ୍ଡି ଗ୍ରାମରୁ ବସନ୍ତ ନିବାସ ବିଟି ରାସ୍ତା ନିର୍ମାଣ , ବଡକଉରୁ ପଂଚାୟତର ବଡକଉରୁ ଗ୍ରାମରେ ରାସ୍ତା ନିର୍ମାଣ , ରାୟଗଡ ବ୍ଲକର ଡମ୍ବାଳ ପଂଚାୟତର ଜଲାଂଗ , କଡମାତାଳ ଠାରୁ ଡମ୍ବାଳ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ , ଗୁମ୍ମା ବ୍ଲକର ଗାଇବା ପଂଚାୟତର ପଦାସାହି ଠାରୁ କିଡିସାର ରାସ୍ତା ନିର୍ମାଣ , ରାୟଗଡ ବ୍ଲକର ଗଣ୍ଡାହାତୀ ପଂଚାୟତର ଗଣ୍ଡାହାତୀ ଆରଡି ରାସ୍ତା ଠାରୁ ସିଂଗିପୁର ଗ୍ରାମ ଦେଇ କୃଷ୍ଣସାଗର ଆରଡି ରୋଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ , ଉକ୍ତ ବ୍ଲକର ମାର୍ଲବା ପଂଚାୟତର ତବାରସିଂ ଠାରୁ ଲିମରସିଂ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ , ରାଇଡା ଠାରୁ ସିଣ୍ଡିସିଂ ରାସ୍ତା ନିର୍ମାଣ , ମାର୍ଲବା ଠାରୁ ଦାବାସାହି ଦେଇ ରାଇଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ , ପୋଡାର ପଂଚାୟତର ପିଡବୁଡି ରୋଡ ଠାରୁ ସାନକରଂଜସାହି ରାସ୍ତା ନିର୍ମାଣ , ଡମ୍ବାଳ ପଂଚାୟତର ତୁବୁରସିଂ ଠାରୁ ଉପର ରାଇସିନା ରାସ୍ତା ନିର୍ମାଣ , କାଶୀନଗର ବ୍ଲକର ଖାରଡା ପଂଚାୟତର ଧୋବାପୁର ଠାରୁ ଗୋକୁଳ ରାସ୍ତା ନିର୍ମାଣ , ରାୟଗଡ ବ୍ଲକର ତଳ ସାଂକୁରୁଡା ଠାରୁ କରଣସାହି ରାସ୍ତା ନିର୍ମାଣ , ଗୁମ୍ମା ବ୍ଲକର ତରଂଗଡା ପଂଚାୟତର ତାମସିଂ ଠାରୁ ତଳ ତାମସିଂ(ପାଣ୍ଡରଂଗ ଦେଇ)ରାସ୍ତା ନିର୍ମାଣ,ଅଜୟଗଡ ପଂଚାୟତର ଅଜୟଗଡ ଠାରୁ ବାରାବାର ପର୍ଯ୍ୟନ୍ତ ବୁଢୀ ଘାଟି ଦେଇ ରାସ୍ତା ନିର୍ମାଣ , ତରଭା ପଂଚାୟତର ଲିଙ୍ଗା ଆରଡି ରୋଡ ଠାରୁ ପାରସିକ ରାସ୍ତା ନିର୍ମାଣ , ଗାଇବା ପଂଚାୟତର ତଣ୍ଡରଂଗ ଠାରୁ ବୁରୁସିଂ ଭାୟା ଗାଇବା ରାସ୍ତା ନିର୍ମାଣ , କାଶୀନଗର ବ୍ଲକର ଖାଣ୍ଡବା ପଂଚାୟତର ଆରଡି ଠାରୁ ପାଲସିଂ ରାସ୍ତା ନିର୍ମାଣ , ରାୟଗଡ ବ୍ଲକର କରଡାସିଂ ପଂଚାୟତର ଠାରୁ ସରଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ , ମାର୍ଲବା ପଂଚାୟତର କାକଲୁଂଗା ନାଳ ଉପରେ କଲଭେର୍ଟ ରୋଡ ନିର୍ମାଣ , କାଶୀନଗର ବ୍ଲକର ପାର୍ତଡା ପଂଚାୟତର ଜଡୁରୁ ଠାରୁ ଗରବା ଭାୟା ଲିଂଗା ରାସ୍ତା ନିର୍ମାଣ , ରାୟଗଡ ବ୍ଲକର ଜଲାଂଗ ପଂଚାୟତର ଜଲାଂଗ-କଡମାତାଳ ଭାୟା ଜାମ୍ବସାହି ଡମ୍ବାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ , କେରାଣ୍ଡି ପଂଚାୟତର ଆରଡି ରୋଡ ଭାୟା ଗଙ୍ଗାବାଡ କେରାଣ୍ଡି ରାସ୍ତା ନିର୍ମାଣ , ଜଲାଂଗ ନାଳ ଠାରୁ ଭାଲିଆସାହି ହାଇ ଲେଭେଲ ବ୍ରିଜ ନିର୍ମାଣ , ଅଂଚଳ ମହେନ୍ଦ୍ରତନୟା ନଦୀ ଉପରେ ବ୍ରିଜ ନିର୍ମାଣ ଇତ୍ୟାଦି ପ୍ରସ୍ତାବ ରଖିଛନ୍ତି ।ଗଜପତି ଜିଲ୍ଲାର ଏହିସବୁ ବିକାଶମୂଳକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେବାପାଇଁ ଅନୁରୋଧ କରିଛନ୍ତି।

# ୭୦ ତମ ବକ୍ସିଂ ଚମ୍ପିୟାନସିପରେ କୃତିତ୍ୱ ହାସଲ କରିଥିବା ଗଜପତିର ବକ୍ସରମାନେ ଜିଲ୍ଲାପାଳ ସମ୍ମାନୀତ କଲେ

ପାରଳାଖେମୁଣ୍ଡି,୫।୧୦(ପ୍ରବାହ ନ୍ୟୁଜ): ୭୦ ତମ ରାଜ୍ୟସ୍ତରୀୟ ବକ୍ସିଂ ଚମ୍ପିୟାନସିପ ୨୦୨୬-୨୭ ରେ ଗଜପତିର ବକ୍ସରମାନେ ଉତ୍ତମ ପ୍ରଦଶନ କରି ଉଲ୍ଲେଖନୀୟ ସଫଳତା ଯଥା ୪ ଗୋଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂଶ୍ୟ ପଦକରେ ଜିତି ଗଜପତି ଜିଲ୍ଲା ପାଇଁ ଗୌରବର କାରଣ ହୋଇପାରିଛନ୍ତି. ଏହି ବକ୍ସରମାନଙ୍କ ସଫଳତାକୁ ପ୍ରଶଂସା କରି ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଫୁଲ ତୋଡ଼ା ଦେଇ ସମ୍ମାନୀତ କରିଛନ୍ତି । ବ୍ରହ୍ମପୁରର ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ହୋଇଥିବା ରାଜ୍ୟ ବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଗଜପତି ଜିଲ୍ଲା ଚମ୍ପିୟାନ ହୋଇଛି। ଏହି ୧୪ ବର୍ଷରୁ କମ୍ ପ୍ରତିଯୋଗୀତାରେ



ପାରଳାଖେମୁଣ୍ଡିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦିବ୍ୟ ବେଣିଆ (୪୮କିଲୋ) , ପିଏମଶ୍ରୀ ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟର ଆଁ.ରୋହିତ (୪୬କିଲୋ) , ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମପୁରର ସାଗର ମଣ୍ଡଳ (୫୦କିଲୋ) , ଏସକେସିଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁରାଣ୍ଡିର ଚନ୍ଦନ ଗୟା (୫୪କିଲୋ) ଓ ଜଗନ ବେଣିଆ (୫୭କିଲୋ) , ପିଏମଶ୍ରୀ ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟର ଗଗନ ବେଣିଆ (୭୫ କିଲୋ) ବିଜୟ ହାସଲ କରିଛନ୍ତି।

ଏହି ବିରଳ କୃତିତ୍ୱ ପାଇଁ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ, ବିନୋଦିନୀ କଲେଜର ଅଧକ୍ଷ ମନୋଜ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କ୍ରୀଡା ଦାୟିତ୍ୱରେ ଥିବା ସୁରେନ୍ଦ୍ର ପାତ୍ର ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ସେମାନଙ୍କର ଏହି କୃତିତ୍ୱ ପାଇଁ ତାଲିମଦାତା ରାମକୃଷ୍ଣ ବେଣିଆ ଓ ମ୍ୟାନେଜର ଦିଲ୍ଲେଶ୍ୱର ଟୁନାଙ୍କୁ ମଧ ଶୁଭେଚ୍ଛା ଜଣାଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଆଠଗଡ, ,୫।୧୦(ପ୍ରବାହ ନ୍ୟୁଜ): ଆଠଗଡ଼ ବ୍ଲକ ଅନ୍ତର୍ଗତ କୁମାରପୁର ପଞ୍ଚାୟତ ରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଧାୟକ ଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ ଙ୍କ ସଂଯୋଜନା ରେ ଉକ୍ତ କାର୍ଯ୍ୟକ୍ରମ ତାଳ ପଡିଆ ଫୁଟବଲ ପଡ଼ିଆ ଠାରୁ ଆରମ୍ଭ ହୋଇ ଦଣ୍ଡା ପଡିଆ କଣ୍ଟାଣିଆ,ଓସ୍ତପୁର ଦେଇ କୁମାର ପୁର ଶାସନ ମହାଦେବ ମନ୍ଦିର ଠାରେ ଶେଷ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଙ୍କ ସମସ୍ତ କ୍ଷେତ୍ରରେ ବିଫଳତା ବିକାଶ ରେ ବାଧା ତଥା ରାଜ୍ୟ କୁ ସୁରକ୍ଷା ଏବଂ ଜନସାଧାରଣ ଙ୍କୁ ସାମାଜିକ ସୁରକ୍ଷା ଦେବାରେ ସରକାର ସଂପୂର୍ଣ୍ଣ ଫେଲ ମାରିଛି। ଫଳରେ ଖଣି ଓ ଖଣିଜ ସମ୍ପଦ ଉନ୍ନୟନ ଆଇନ ପରି ରାଜ୍ୟ ସ୍ୱାର୍ଥ ବିରୋଧୀ ଆଇନ, ତୃଟିପୂର୍ଣ୍ଣ ଶିକ୍ଷା ନୀତି ଭତ୍ତା ମିଳିବାରେ ଅହେତୁକ ବିଳମ୍ବ ଆଦି ବିଷୟରେ ଜନ ସାଧାରଣଙ୍କୁ ସଚେତନ କରାଇ ଥିଲେ। କଟକ ଜିଲ୍ଲା ବିଜେଡ଼ି ଉପସଭାପତି ନୃସିଂହ ଚରଣ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ନାଏକ, ରାଧା କିଶୋର ପୁର ସରପଞ୍ଚ ତଥା ବ୍ଲକ ଯୁବ




ବିଜେଡି ସଭାପତି ବିନୋଦ କୁମାର ମାଝୀ କଣ୍ଡରେଇ ସରପଞ୍ଚ ଜ୍ଞାନ ରଞ୍ଜନ ଦାଶ ଭୋଗରା ସରପଞ୍ଚ ଅଜିତ୍ କୁମାର ଦାସ ଗୁରୁଡିଝାଟିଆ ସମିତି ସଭ୍ୟ ଶ୍ୟାମ ମେଳମାଛି, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ମହିଳା ବିଜେଡ଼ି ରାଜ୍ୟ ସମ୍ପାଦିକା ବାସନ୍ତୀ ରାଉଳ, ଶ୍ରମିକ ନେତା ଅଶୋକ ରାଉତ ବିଜେଡି କାର୍ଯ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

